ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ

PARYABEKHYAK  पर्यवेक्षक

visit us at
www.paryabekhyak.com

FIND US ON
facebook.com/paryabekhyak

FOLLOW US ON TWITTER
twitter.com/paryabekhyak

Vol.25 . No.13 Bhubaneswar Wednesday, February 16, 2022 | ୨୫ତମ ବର୍ଷ ସଂଖ୍ୟା–୧୩ ଭୁବନେଶ୍ୱର, ବୁଧବାର, ଫେବୃଆରୀ ୧୬, ୨୦୨୨ (୮ ପୃଷ୍ଠା) ମୂଲ୍ୟ–୧.୫୦ ₹ 1.50 (Air Surcharge - 0.50P) Member-INS




ମାଲକାନଗିରି ଠାରେ ଆୟୋଜିତ ପଞ୍ଚାୟତ ନିର୍ବାଚନ ସଭାରେ ଶତାଧିକ କଂଗ୍ରେସ ଓ ବିଜେପି କର୍ମୀ ବିଜେଡ଼ି ସାଙ୍ଗଠନିକ ସମ୍ପାଦକ ତଥା ଯାଜପୁର ବିଧାୟକ ପ୍ରଣବ ପ୍ରକାଶ ଦାସଙ୍କ ଉପସ୍ଥିତିରେ ବିଜେଡ଼ିରେ ଯୋଗଦାନ କରୁଛନ୍ତି

## ପଂଚାୟତ ନିର୍ବାଚନରେ ପୋଲିଙ୍ଗ ଓ ପ୍ରାର୍ଥୀଙ୍କ ଏଜେଂଟଙ୍କ ପାଇଁ କୋଭିଡ କଟକଣା କୋହଳ କରାଯାଉ : ବିଜେପି

ଭୁବନେଶ୍ୱର, ୧୫।୨(ପି.ଏନ): – ରାଜ୍ୟରେ ଚଳିତ ତ୍ରିସ୍ତରୀୟ ପଂଚାୟତ ନିର୍ବାଚନ ପରିପ୍ରେକ୍ଷୀରେ ରାଜ୍ୟ ସରକାରଙ୍କ ଆଭିମୁଖ୍ୟ ଆଦୌ ସ୍ୱଷ୍ଟ ନୁହେଁ । ଶାସକ ଦଳ ଏବଂ ଶାସକ ଦଳର କର୍ମୀମାନଙ୍କୁ ସୁହାଇଲା ଭଳି ଆଇନ କାନୁନ ପ୍ରଚଳିତ କରୁଥିବାବେଳେ ସାମୁହିକ ସ୍ୱାର୍ଥ ଓ ହିତକୁ ଅଣଦେଖା କରୁଛନ୍ତି ରାଜ୍ୟ ସରକାର । ରାଜ୍ୟ ସରକାରଙ୍କ ଏଭଳି ଦୋମୁହାଁ ନୀତି ଅତ୍ୟନ୍ତ ନିନ୍ଦନୀୟ ଏବଂ ଜନବିରୋଧୀ ବୋଲି ରାଜ୍ୟ ମୁଖପାତ୍ର ଶ୍ରୀମତୀ ସୋନାଲୀ ସାହୁ କହିଛନ୍ତି । ଓମିକ୍ରନ ଓ କରୋନା ସଂକ୍ରମଣର ଦୃତ ହ୍ରାସ କାରଣରୁ ନିର୍ବାଚନ କମିଶନ ପ୍ରଚାର ପାଇଁ କଟକଣାକୁ କୋହଳ କରିଛନ୍ତି । ଆସନ୍ତା କାଲି ଅନୁଷ୍ଠିତ ହେବାକୁ ଥିବା ପ୍ରଥମ ପର୍ଯ୍ୟାୟ ପଂଚାୟତ ନିର୍ବାଚନ ଭୋଟ କେନ୍ଦ୍ରଗୁଡିକରେ ପୋଲିଙ୍ଗ ଏଜେଂଟ ଏବଂ ପ୍ରାର୍ଥୀ ଏଜେଂଟଙ୍କ ପାଇଁ ବର୍ତମାନ ସୁଦ୍ଧା କୌଣସି କଟକଣା କୋହଳ କରାଯାଇନାହିଁ । ପୋଲିଙ୍ଗ ଏବଂ ପ୍ରାର୍ଥୀଙ୍କ ଏଜେଂଟ ପାଇଁ ଆରଟିପିସିଆର / ଆରଏଟି ପରୀକ୍ଷା ବାଧ୍ୟତାମୁଳକ କରାଯାଇଛି । ଏହା ଦ୍ୱାରା ନିର୍ବାଚନ ପରିଚାଳନା ଓ ଭୋଟ ଦାନ କାର୍ଯ୍ୟକ୍ରମ ପ୍ରଭାବିତ ହେବାର ବହୁତ ଆଶଂକା ଥିବା କାରଣରୁ ଉଦ୍ଦିଷ୍ଟ କଟକଣାକୁ କୋହଳ କରାଯିବା ପାଇଁ ଭାରତୀୟ ଜନତା ପାର୍ଟୀ ତରଫରୁ ରାଜ୍ୟ ନିର୍ବାଚନ କମିଶନଙ୍କୁ ଅନୁରୋଧ କରାଯାଇଛି । ଏହି ପ୍ରସଙ୍ଗକୁ ନିଜେ ନିର୍ବାଚନ କମିଶନ ହୃଦବୋଧ କରିଛନ୍ତି ଏବଂ ବିହୀତ ପଦକ୍ଷେପ ଗ୍ରହଣ କରିବାର ପ୍ରତିଶୃତି ଦେଇଛନ୍ତି ବୋଲି ରାଜ୍ୟ ମୁଖପାତ୍ର ଶ୍ରୀମତୀ ସୋନାଲୀ ସାହୁ କହିଛନ୍ତି ।

## ଆଜିଠୁ ପଂଚାୟତ ଭୋଟ୍ :ସକାଳ ୭ଟାରୁ ଦିନ ୧ଟା ଯାଏ ଭୋଟ୍ ଗ୍ରହଣ

ଭୁବନେଶ୍ୱର, ୧୫।୨(ପି.ଏନ): ଆସନ୍ତାକାଲି (ବୁଧବାର) ପଂଚାୟତ ନିର୍ବାଚନ ପାଇଁ ପ୍ରଥମ ପର୍ଯ୍ୟାୟ ମତଦାନ ଅନୁଷ୍ଠିତ ହେବ। ଭୋଟ ପାଇଁ ପ୍ରସ୍ତୁତି ଚୂଡ଼ାନ୍ତ ହୋଇଛି। ଏନେଇ ରାଜ୍ୟ ନିର୍ବାଚନ କମିଶନର ଆଦିତ୍ୟ ପ୍ରସାଦ ପାଢୀ ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇ କହିଛନ୍ତି, ଆଜି ଅପରାହ୍ଣ ସୁଦ୍ଧା ପୋଲିଂ ପାର୍ଟି ବୁଥରେ ପହଂଚିବେ। ଆସନ୍ତାକାଲି ସକାଳ ୭ଟାରୁ ଦିନ ୧ଟା ଯାଏ ଭୋଟ୍ ଗ୍ରହଣ ଚାଲିବ। ଏଥିପାଇଁ ୨୨ ହଜାର ୩୭୯ ବୁଥ ଖୋଲିଛି। ଏଥିରୁ ୩୩୫୭ଟି ବୁଥ୍ ଉତେଜନା ପ୍ରବଣ। ଏହାକୁ ଦୃଷ୍ଟିରେ ରଖି ସମ୍ବେଦନଶୀଳ ଅଂଚଳରେ ପୁଲିସ ଫ୍ଲାଗମାର୍ଚ୍ଚ କରୁଛି। ତିନି ଥାକିଆ ସୁରକ୍ଷା ବ୍ୟବସ୍ଥା ସହ ନିର୍ବାଚନରେ ନିୟୋଜିତ କର୍ମଚାରୀଙ୍କୁ ବୁଷ୍ଟର ଡୋଜ୍ ଟିକା ଦିଆଯାଇଛି। ସେ ଆହୁରି କହିଛନ୍ତି, ବୁଧବାର ୩୦ଟି ଜିଲ୍ଲାର ୭୧ଟି ବ୍ଲକର ୨୦୨ଟି ଜିଲ୍ଲା ପରିଷଦ ଜୋନ୍, ୧୬୬୯ଟି ସରପଂଚ, ୧୬୬୯ଟି ପଂଚାୟତ ସମିତି ସଭ୍ୟ ଓ ୨୦ହଜାରରୁ ଅଧିକ ୱାର୍ଡ ମେମ୍ବର ପଦବୀ ପାଇଁ ୨୨୩୭୯ଟି ବୁଥରେ ମତଦାନ ହେବ। ୬୭ଲକ୍ଷ ୫୧ହଜାର ୬୮ଜଣ ମତଦାତା ଭୋଟ୍ ଦେବେ। ମତଦାତାମାନେ ଭାରତର ନିର୍ବାଚନ କମିଶନଙ୍କ ଦ୍ୱାରା ପ୍ରଦତ ଭୋଟର ପରିଚୟ ପତ୍ର ଦେଖାଇ ମତଦାନ କରିପାରିବେ। ଏହାଛଡ଼ା ଏଥିଲାଗି ଅନ୍ୟ ୧୩ଟି ଦସ୍ତାବିଜ୍ ଭିତରୁ କୌଣସି ଗୋଟିଏ ବି ଦେଖାଇପାରିବେ। ଏହି ସମୟରେ କୋଭିଡ କଟକଣା ମାନିବାକୁ ଓ ସାମାଜିକ ଦୂରତା ବଜାୟ ରଖିବାକୁ ରାଜ୍ୟ ନିର୍ବାଚନ କମିଶନର ଭୋଟରମାନଙ୍କୁ ଅନୁରୋଧ କରିଛନ୍ତି। ନିର୍ବାଚନକୁ ସୁରୁଖୁରୁ କରିବାପାଇଁ ମୋଟ୍ ୩୭,୨୪୫ ପୋଲିସ୍ କର୍ମଚାରୀ , ୨୨୫ ପ୍ଲାଟୁନ୍ ପୋଲିସ୍ ଫୋର୍ସ ନିୟୋଜିତ ହୋଇଛନ୍ତି।ଏଥର ୫ଟି ପର୍ଯ୍ୟାୟରେ ୧୬ରୁ ୨୪ ତାରିଖ ମଧ୍ୟରେ ପଂଚାୟତ ନିର୍ବାଚନ ଅନୁଷ୍ଠିତ ହେବ। ପଂଚାୟତ ନିର୍ବାଚନରେ ୬୭୯୪ ଗ୍ରାମପଂଚାୟତର ୯୧,୯୧୩ ୱାର୍ଡରେ ୨ କୋଟି ୭୯ ଲକ୍ଷରୁ ଅଧିକ ଲୋକ ମତଦାନ ଅଧିକାର ସାବ୍ୟସ୍ତ କରିବେ। ୯୧,୯୧୩ଟି ବୁଥ୍ ଭିତରୁ ୧୩, ୬୮୫ଟି ବୁଥ୍ ଉତେଜନା ପ୍ରବଣ ରହିଛି।

## ଗୋଟିଏ ଦିନରେ ୯୨୫ କରୋନା ଆକ୍ରାନ୍ତ ଚିହ୍ନଟ

ଭୁବନେଶ୍ୱର, ୧୫।୨(ପି.ଏନ): ରାଜ୍ୟରେ ଗୋଟିଏ ଦିନରେ ୯୨୫ ଜଣ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ମୋଟ କରୋନା ସଂକ୍ରମିତଙ୍କ ସଂଖ୍ୟା ୧୨୭୯୦୪୬ କୁ ବୃଦ୍ଧି ପାଇଛି । ସେହିପରି ୧୮ ବର୍ଷରୁ କମ ୨୦୩ ଜଣ କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଟ୍ୱିଟ କରି ସୂଚନା ଦିଆ ଯାଇଛି । ସୁସ୍ଥ ହୋଇଥିବା ଆକ୍ରାନ୍ତଙ୍କ ସଂଖ୍ୟା ୧୨୫୯୭୯୬ ହୋଇଛି। ରାଜ୍ୟରେ ବର୍ତମାନ ସୁଦ୍ଧା ସକ୍ରିୟ ରୋଗୀଙ୍କ ସଂଖ୍ୟା ୧୦୨୭୧ ରହିଛି ।

## ଆୟ ବହିର୍ଭୁତ ସମ୍ପତି ଠୁଳ ଅଭିଯୋଗରେ ଅତିରିକ୍ତ ଏସ୍‌ପିଙ୍କ ଘର ଓ ଅନ୍ୟାନ୍ୟ ସ୍ଥାନ ଉପରେ ଚଢାଉ

ଭୁବନେଶ୍ୱର, ୧୫।୨(ପି.ଏନ): ଆୟ ବହିର୍ଭୁତ ସମ୍ପତି ଠୁଳ ଅଭିଯୋଗରେ ଅତିରିକ୍ତ ଏସ୍‌ପି ଓ ପୋଲିସ କମ୍ୟୁନିକେସନ ବିଭାଗର ଅତିରିକ୍ତ ଏସ୍‌ପି ତ୍ରିନାଥ ମିଶ୍ରଙ୍କ ଘରେ ଭିଜିୱିଲାନ୍ସ ପକ୍ଷରୁ ରେଡ୍ କରାଯାଉଛି । ବିଭିନ୍ନ ସ୍ଥାନରେ ଚାଲିଛି ଚଢାଉ ଚାଲିଥିବା ନେଇ ଭିଜିଲାନ୍ସ ପକ୍ଷରୁ ସୂଚନା ଦିଆଯାଇଛି । ଭିଜିଲାନ୍ସ ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ ଭୁବନେଶ୍ୱର ସମେତ କଟକ. ଯାଜପୁର ଓ ଜଗତସିଂହପୁର ଜିଲ୍ଲାର ୧୧ ଟି ସ୍ଥାନରେ ରେଡ ଚାଲିଛି । ତିନି ଜଣ ଅତିରିକ୍ତ ଏସପି , ୧୦ ଜଣ ଡିଏସପି, ୧୩ ଇନିସପେକ୍ଟର, ଓ ଅନ୍ୟ କର୍ମଚାରୀ ମାନେ ଏହି ଏହି କାମରେ ଲାଗଛନ୍ତି । ଭିଜିଲାନ୍ସର ଏହି ଚଢାଉରେ କେତେ ପରିମାଣର ସମ୍ପତ୍ତି ଜବତ ହୋଇଛି । ସେନେଇ ସବିଶେଷ ତଥ୍ୟ ହାସଲ ହୋଇନାହିଁ । ଭିଜିଲାନ୍ସ ଟିମ୍ ଲଗାତର ଭାବେ ଚଢାଉ ଜାରି ରଖିଛି ।

## ଜାମତରା ଗ୍ୟାଙ୍ଗ ଲିଙ୍କରେ ରାଜଧାନୀର ମେକାନିକାଲ ଛାତ୍ର




ଭୁବନେଶ୍ୱର, ୧୫।୨(ପି.ଏନ): ଭୁବନେଶ୍ୱର ଖଣ୍ଡଗିରି ଅଞ୍ଚଳରୁ ନିଖୋଜ ଇଂଜିନିୟରିଂ ଛାତ୍ର ମାମଲା ଭିନ୍ନ ମୋଡ ନେଇଛି। ୪ ଛାତ୍ରଙ୍କ ଭିତରୁ ଦୁଇ ଜଣଙ୍କର ରହିଛି ଝାଡ଼ଖଣ୍ଡର କୁଖାତ ଜାମତରା ଗ୍ୟାଙ୍ଗ ସହ ଲିଙ୍କ। ଜଣେ ବ୍ୟକ୍ତିଙ୍କୁ ଅନ୍‌ଲାଇନ୍‌ରେ ଠକେଇ ଅଭିଯୋଗରେ ୨ ମେକାନିକାଲ ଛାତ୍ରଙ୍କ ସହ ୩ ଗିରଫଙ୍କୁ ଗିରଫ କରିଛି ସମ୍ବଲପୁର ପୁଲିସ। ଅନ୍ୟ ଅଭିଯୁକ୍ତଙ୍କୁ ଖୁବ୍‌ଶୀଘ୍ର ଗିରଫ କରାଯିବ ବୋଲି ପୁଲିସ୍ କହିଛି ।ସୋମବାର ଭୁବନେଶ୍ୱର ଖଣ୍ଡଗିରି ଅଞ୍ଚଳରୁ ୪ ଜଣ ଇଞ୍ଜିନିୟରିଂ ଛାତ୍ର ନିଖୋଜ ହୋଇଯାଇଥିଲେ। ଏନେଇ ପରିବାର ଲୋକେ କମିଶନରେଟ୍ ? ପୁଲିସ୍‌ରେ ଅଭିଯୋଗ କରିଥିଲେ। କମିଶନରେଟ୍ ପୁଲିସ ଅଭିଯୋଗକୁ ଭିତ୍ତି କରି ତନାଘନା କରିବା ପରେ ନିଖୋଜ ଥିବା ୪ ଛାତ୍ରଙ୍କ ଭିତରୁ ୨ ଜଣ ଅନଲାଇନ୍ ଠକେଇରେ ସଂପୃକ୍ତି ଜାମତାରା ଗ୍ୟାଙ୍ଗ୍ ସହ କାମ କରୁଥିବା ସୂଚ଼ନା ଦେଇଥିଲା ସମ୍ବଲପୁର ପୁଲିସ୍ ।ଗିରଫ ଦୁଇ ଛାତ୍ର ହେଲେ ଝାଡ଼ଖଣ୍ଡ ପୂର୍ବସିଂଭୂମର ବିଶାଳ ପାଣ୍ଡେ ଓ ବିହାର ଜାମୁଇର ଶେଖର ଗୌତମ୍। ଏମାନେ ଜାମତାରା ଗ୍ୟାଙ୍ଗର ପ୍ରତ୍ୟକ୍ଷ ସଦସ୍ୟ ରେହମତ ଅନସାରୀ ସହ ଠକେଇରେ ସାମିଲ ଥିବା ପୁଲିସ୍ ଆଗରେ ସ୍ୱୀକାର କରିଛନ୍ତି। ସମ୍ବଲପୁର ପୁଲିସ ସେମାନଙ୍କଠାରୁ ନଗଦ ୧ ଲକ୍ଷ ୧୩ ହଜାର ଟଙ୍କା, ୯ଟି ମୋବାଇଲ ଫୋନ୍, ବିଭିନ୍ନ ବ୍ୟାଙ୍କର ଏଟିଏମ୍ କାର୍ଡ ଓ ଏକ ଲାପଟପ୍ ଜବତ କରିଛି।


ଦୈନିକ 'ପର୍ଯ୍ୟବେକ୍ଷକ' ସମ୍ବାଦପତ୍ରର ୨୪ତମ ସନକ୍ଷତ୍ର ଦିବସ ଅବସରରେ ଶୁଭେଚ୍ଛା ଓ ଅଭିନନ୍ଦନ ।

ଶ୍ରୀଯୁକ୍ତ ପବିତ୍ର ମୋହନ ସାହୁ
ବିଶିଷ୍ଟ ସମାଜସେବୀ
ଧବଳଗିରି, ବ୍ୟାସନଗର



Kalinga Institute of Industrial Technology (KIIT)
Deemed to be University
(Established U/S 3 of UGC Act, 1956), Bhubaneswar, Odisha, India
www.kiit.ac.in

Institution of Eminence | Rank 1 Among Self-Financing Institutes of India

21st nirf | Tier 1 NBA | THE 801-1000 | ISAS | A NAAC | IET The Institution of Engineering and Technology

18th Foundation Day
(2004-2022)
16th February, 2022



Chief Guest & Foundation Day Lecture by
Mr. Bishow Parajuli
United Nations World Food Programme (WFP)
Representative & Country Director, India

Date : 16th February 2022 | Venue : KIIT Convention Centre

KIIT-DU, At/PO-KIIT, Bhubaneswar-751024, Odisha, Email : kiit@kiit.ac.in





ଦୈନିକ 'ପର୍ଯ୍ୟବେକ୍ଷକ' ସମ୍ବାଦପତ୍ରର ୨୪ତମ ସନକ୍ଷତ୍ର ଦିବସ ଅବସରରେ ଶୁଭେଚ୍ଛା ଓ ଅଭିନନ୍ଦନ ।

ଆଡଭୋକେଟ୍ ଦିପକ କୁମାର ବାରିକ
ବିଶିଷ୍ଟ ସମାଜସେବୀ ଓ ଯୁବ ନେତା,
ଭାରତୀୟ ଜନତା ପାର୍ଟି, କୋରେଇ
ନିର୍ବାଚନମଣ୍ଡଳୀ








# ଟି ଟାଇମ୍

## ଥକ୍କାପଣ ଦୂର କରିବ ପ୍ରୋଟିନ୍ ଖାଦ୍ୟ

ଅଧିକାଂଶ ସମୟ ଲୋକଙ୍କର ଅଭିଯୋଗ ରହିଆସିଛି ଯେ, ସେମାନେ ଅଳ୍ପ କାମ ରେ ଜଲଦି ଥକିପଡ଼ନ୍ତି । କିଛି ବ୍ୟକ୍ତି ଏଭଳି ବି ଅଛନ୍ତି ଯିଏ କିଛି କାମ ନ କରି ମଧ୍ୟ ଥକ୍କା ଅନୁଭବ କରିଥାନ୍ତି। ଶରୀରରେ ଶକ୍ତିର କମି ଫଳରେ ଜଣେ ବ୍ୟକ୍ତି ଥକ୍କା ଅନୁବବ କରିଥାଏ । ତେଣୁ ଶରୀରକୁ ଶକ୍ତିଶାଳୀ ବନାଇବାପାଇଁ ଆପଣ ଆପଣଙ୍କ ଖାଦ୍ୟରେ ଦିନଚର୍ଯ୍ୟାରେ ପ୍ରୋଟିନ୍ ଯୁକ୍ତ ଖାଦ୍ୟ ସାମିଲ କରନ୍ତୁ । ପୂରା ଦିନ ପାଣି କିମ୍ବା କିଛି ତରଳ ପଦାର୍ଥ ପିଇବା ଉଚିତ୍ । ପାଣି ଶରୀରର ହାନୀକାରକ ତତ୍ତ୍ୱକୁ ବାହାରକୁ ବାହାର କରି ଶାରୀରିକ ପ୍ରଣାଳୀରେ ନୂତନ ଶକ୍ତି ସୃଷ୍ଟି କରିଥାଏ । ସର୍ବତ, ଫଳରସ, ନଡ଼ିଆ ପାଣି ଭଳି ପାଣି ଜିନିଷ ପିଇବା ଉଚିତ୍ । ଶାରୀରିକ ସତେଜ ରହିବା ପାଇଁ ପ୍ରୋଟୀନ୍ ଯୁକ୍ତ ଖାଦ୍ୟ ନିଜ ଖାଦ୍ୟରେ ଗ୍ରହଣ କରିବା ଉଚିତ୍ । କାବ୍ରୋହାଇଡ୍ରେଟ୍ରୁ ଶରୀରକୁ ଶକ୍ତି ମିଳିଥାଏ। ଫଳମାନଙ୍କ ମଧ୍ୟରେ କମଳା, ଆତାବି, ଲିଚି ଆଦି ଖାଇବା ଉଚିତ୍ । ଏଥିରେ ପ୍ରଚୁର ମାତ୍ରାରେ ଗ୍ଲୁକୋଜ ରହିଥାଏ । କ୍ଷୀରରେ ମହୁ ମିଶାଇ ଓ କଦଳୀର ସେକ୍ ପିଇଲେ ଶରୀରକୁ ଭଲ ଶକ୍ତି ମିଳିଥାଏ । ସବୁଠାରୁ ମହତ୍ତ୍ୱପୂର୍ଣ୍ଣ କଥା ହେଉଛି ଆପଣ ପୂରା ଦିନ ଯେତେ କାମ କରିଲେ ମଧ୍ୟ ୭ରୁ ୮ ଘଣ୍ଟାର ନୀଦ ପୂରା କରିବା ଉଚିତ୍ । ଏଭଳି କଲେ ପର ଆପଣଙ୍କୁ ସଠିକ୍ ଶକ୍ତି ମିଳିପାରିବ । ଯେବେ ବି ଥକ୍କାପଣ ଅନୁଭବ ହୁଏ ତେବେ ୧୫ କିମ୍ବା ୨୦ମିନିଟ୍‌ର ବିଶ୍ରାମ ଯେମିତି ହେଲେ ନେବେ । ନୀଦ ପୂରା ନହେଲେ ଶରୀରର ଓଜନ ମଧ୍ୟ ବଢ଼ିଥାଏ ଓ ଥକ୍କାପଣ ଜଲଦି ଆସିଯାଇଥାଏ ।

## କାଳୀ ଚରଣ ପଟ୍ଟନାୟକ

ଓଡିଆ ନାଟ୍ୟକାର ଓ କବି ଥିଲେ। ସେ ୧୮୯୭ ଡିସେମ୍ବର ୩ ତାରିଖ, ବକୁଳ ଅମାବାସ୍ୟା ଦିନ ବାଙ୍କୀ ସହର ଉପକଣ୍ଠରେ ଥିବା ଖମାରଙ୍ଗା ଗ୍ରାମରେ ପିତା ଦୁର୍ଗାଚରଣ ପଟ୍ଟନାୟକ ଓ ମାତା ରାଧାମାଳୀ ଦେବୀଙ୍କଠାରୁ ଜନ୍ମ ଗ୍ରହଣ କରିଥିଲେ। ସେ ପିତାମାତାଙ୍କର ଦ୍ୱିତୀୟ ସନ୍ତାନ ଥିଲେ। କାଳୀଚରଣଙ୍କ ପିତା ବଡମ୍ବାଗଡର ଦେବାନ ଥିଲେ। କାଳୀଚରଣ ପାରମ୍ପରିକ ଲୀଳା ନାଟକ ପ୍ରଦର୍ଶନ କରି ନିଜର ନାଟ୍ୟକାର ଜୀବନ ଆରମ୍ଭ କରିଥିଲେ ୪ର୍ଥ ଦଶକ ଦେବଳକୁ ସେ ଆଧୁନିକ ମଞ୍ଚ ନାଟକ ଲେଖି ତାହାର ବିପଣନ କରିବା ଆରମ୍ଭ କରିଥିଲେ। ସେଥି ପାଇଁ ୧୯୨୯ ମସିହାରେ "ସାକ୍ଷୀଗୋପାଳନାଟକ ସଂଘ" ଓ ୧୯୩୯ରେ "ଓଡିଶା ଥିଏଟର୍ସ" ନାମରେ ଏକ ରଙ୍ଗମଂଚ ଗଠନ କରି ଓଡିଶା ନାଟକାଭିନୟ ଜଗତର ପ୍ରସାର ଓ ଉନ୍ନତି କରିଥିଲେ। ତାଙ୍କର ଜନପ୍ରିୟ ନଟକ ଗାର୍ଲ ସ୍କୁଲ (୧୯୩୯) ଓଡିଆ ମଞ୍ଚାଭିନୟରେ ନୂତନ ଯୁଗର ଆରମ୍ଭ କରିଥିଲେ। ତାଙ୍କୁ ଆଧୁନିକ ଓଡଆ ନାଟ୍ୟଶାସ୍ତ୍ରର 'ଭରତ ମୁନି' ବୋଲି ମଧ୍ୟ କୁହାଯାଏ। ତାଙ୍କ ପ୍ରଚେଷ୍ଟାରୁ ୧୯୫୮ ମସିହାରେ ଓଡିଶୀ ନୃତ୍ୟ ଶାସ୍ତ୍ରୀୟ ମର୍ଯ୍ୟାଦା ପାଇଥିଲେ। ସେଥି ପାଇଁ ସମସ୍ତ ଓଡିଶୀ ନାଟ୍ୟଗୁରୁ ଓ ନୃତ୍ୟଶିଳ୍ପୀମାନେ ତାଙ୍କୁ ମନେ ରଖିଛନ୍ତି। କାଳୀଚରଣ ତାଙ୍କର ପ୍ରାଥମିକ ଶିକ୍ଷା ଚର୍ଚ୍ଚିକା ପ୍ରାଥମିକ ବିଦ୍ୟାଳୟରେ ସମ୍ପନ୍ନ କରି ଖୋର୍ଦ୍ଧା ଉଚ୍ଚବିଦ୍ୟାଳୟରେ ମାଟ୍ରିକ ପଢ଼ିଥିଲେ। କଟକର ରେଭେନ୍ସା କଲେଜରୁ ସେ ଉଚ୍ଚତର ଶିକ୍ଷା ଗ୍ରହଣ କରିଥିଲେ। ଖୋର୍ଦ୍ଧା ସ୍କୁଲରେ ପଢୁଥିବା ସମୟରେ ସଙ୍ଗୀତ ନାଟକ ପ୍ରତି ଆସକ୍ତ କଳୀଚରଣ ପ୍ରଥମ ସଙ୍ଗୀତଜ୍ଞ ବାସୁଦେବ ମହାପାତ୍ର ଓ ପରେ ଓସ୍ତାଦ୍ ଖାନୁ ଖାଁ, ବନଓ୍ୱାରୀ ମିଶ୍ରଙ୍କ ଭଳି ବିଶାରଦଙ୍କଠାରୁ ଶାସ୍ତ୍ରୀୟ ସଂଗୀତ ଶିକ୍ଷା କରିଥିଲେ। ବାଙ୍କୀର ମହାପର୍ବତ ଦେଖି ମହାପର୍ବତ ନାମକ ଖଣ୍ଡକାବ୍ୟ ଓ କଳଙ୍କ ଭଂଜନମାଳା ନାଟକ ରଚନା କରିବା ପରେ ଶିକ୍ଷକ ପଣ୍ଡିତ କୃପାସିନ୍ଧୁ ହୋତାଙ୍କ ପ୍ରକୃତି ବର୍ଣ୍ଣନା ପାଇଁ ଉପଦେଶ ତାଙ୍କର ରଚନାତ୍ମକ ଦୃଷ୍ଟିଭଙ୍ଗୀରେ ଏକ ଉଲ୍ଲେଖନୀୟ ପରିବର୍ତ୍ତନ ଆଣିଥିଲା। ଗୋବିନ୍ଦଚନ୍ଦ୍ର ଶୂଦଦେଓଙ୍କ ସମ୍ପର୍କରେ ଆସି ତାଙ୍କର ନାଟକ ସୁଲଭତା ବିକଶିତ ହୋଇଥିଲା। ୧୯୧୮ ମସିହାରେ ଆଇ.ଏ ପଢ଼ିବାବେଳେ ସେ ପ୍ରଥମ ନାଟକ ଧ୍ରୁବ ରଚନା କରିଥିଲେ ମଧ୍ୟ ତାଙ୍କର ପ୍ରଥମ ସାମାଜିକ ନାଟକ ଥିଲା ୧୯୩୪ ମସିହାରେ ରଚିତ ପ୍ରତିଶେଶଧ। ପ୍ରାୟ ୪୦ ଟି ପୂର୍ଣ୍ଣାଙ୍ଗ ନାଟକ ସହିତ ସେ ରଚନା କରିଯାଇଛନ୍ତି ବହୁ ନୃତ ନାଟିକା, କାବ୍ୟ ନାଟିକା, ଗଳ୍ପ, ଉପନ୍ୟାସ, କବିତା ଆଦି ଅନେକ ଅନବଦ୍ୟ କୃତି।

## ଦେବୀ ରାଧାଙ୍କ ଜନ୍ମ ରହସ୍ୟ

ବ୍ରହ୍ମବୈବର୍ତ୍ତ ପୁରାଣରେ ଦେବୀ ରାଧାଙ୍କ ଜନ୍ମ ରହସ୍ୟ କଥା ଉଲ୍ଲେଖ କରାଯାଇଛି । ଦେବୀ ରାଧା ଭଗବାନ୍ ଶ୍ରୀକୃଷ୍ଣଙ୍କ ସହ ଗୋଲକରେ ନିବାସ କରୁଥାନ୍ତି । ଥରେ ଗୋଲକରେ ଦେବୀ ସୀତା ନଥିଲେ । ଶ୍ରୀକୃଷ୍ଣ ବିରଜା ନାମକ ପତ୍ନୀଙ୍କ ସହ ବିବାହ କରୁଥିଲେ । କୃଷ୍ଣ ଓ ବିରଜାଙ୍କ ବିବାହର କଥା ରାଧାଙ୍କୁ ସୂଚନା ମିଳିବା ମାତ୍ରେ ସେ ଗୋଲକକୁ ଆସିଲେ । ସେ କୃଷ୍ଣ ଓ ବିରଜାଙ୍କୁ ଦେଖି ରାଗିଯାଇ ଶ୍ରୀକୃଷ୍ଣଙ୍କୁ ଅନେକ କଥା ଶୁଣାଇଲେ । ଯାହାଫଳରେ ଶ୍ରୀକୃଷ୍ଣଙ୍କ ମିତ୍ର ସୁଦାମାଙ୍କୁ କ୍ରୋଧ ଆସିଲା । ସେ କ୍ରୋଧିତ ହୋଇ ଦେବୀ ରାଧାଙ୍କୁ ଅପମାନ କଲେ । ଯାହାଫଳରେ ଦେବୀ ରାଧା ଓ ସୁଦାମା ପରସ୍ପରକୁ ଅଭିଶାପ ଦେଲେ । ସୁଦାମାଙ୍କ ଅଭିଶାପ କଥା ରାଧା ଶ୍ରୀକୃଷ୍ଣଙ୍କୁ କହିଥିଲେ । ଶ୍ରୀକୃଷ୍ଣ ଦେବୀ ରାଧାଙ୍କୁ କହିଥିଲେ ଯେ ପୃଥିବୀରେ ତୁମେ ଗୋକୁଳରେ ଦେବୀ କୀର୍ତ୍ତି ଏବଂ ବୃଷଭାନୁଙ୍କ କନ୍ୟାରୂପେ ଜନ୍ମଗ୍ରହଣ କରିବ। ସେଠାରେ ତୁମର ବିବାହ ରାୟାଣ ନାମକ ଏକ ବୈଶ୍ୟ ସହ ହେବ ଏବଂ ସାଂସାରିକ ଭାବେ ତୁମେ ରାୟାଣଙ୍କ ପତ୍ନୀ ବୋଲି କୁହାଯିବ । ରାୟାଣ ହେଉଛି ମୋର ଏକ ଅଂଶ । ରାଧା ରୂପରେ ତୁମର ମୋର ପ୍ରିୟା ହୋଇ ରହିବ ଏବଂ କିଛି ସମୟ ପାଇଁ ଆମ ମଧ୍ୟରେ ବିଚ୍ଛେଦ ହେବ। ସୁଦାମାଙ୍କ ଅଭିଶାପରେ ଗୋକୁଳରେ ଦେବୀ ରାଧା କୀର୍ତ୍ତି ଏବଂ ବୃଷଭାନୁଙ୍କୁ କନ୍ୟା ରୂପରେ ଜନ୍ମଗ୍ରହଣ କଲେ ।

# ପୁରାଣ କାହାଣୀ

## ପଂଚବଟୀ ରେ ରାମଚନ୍ଦ୍ର



ଭାରତ ରାମଙ୍କୁ ବହୁତ ଅନୁନୟ ବିନୟ ପୂର୍ବକ ଫେରିଆସିବାକୁ ଏବଂ ରାଜ୍ୟ ଭାର ଗ୍ରହଣ କରିବାକୁ ଆକୁଳ ପ୍ରାର୍ଥନା କଲେ। ମାତ୍ର ରାମ ଭରତଙ୍କ ଅନୁରୋଧ ପ୍ରତ୍ୟାଖାନା କରିଥିଲେ। ରାମ, ସୀତା ଏବଂ ଲକ୍ଷ୍ମଣ ଏହି ବନବାସ ସମୟରେ ଗୋଦାବରୀ ନାଦୀ ତଟରେ ଗମନ କରି ପଞ୍ଚବଟୀ ଠାରେ ଏକ କୁଟୁର ନିର୍ମାଣ କରି ଅବସ୍ଥାନ କଲେ। ସେହି ସମୟରେ ଋଷିମୁନିମାନଙ୍କର ଅନୁରୋଧ କ୍ରମେ ସେମାନେ ଅନେକ ରାକ୍ଷ କୁ ବଧ କରିଥିଲେ। ବିରାଧ ରାକ୍ଷସ ଏମାନଙ୍କ ମଧ୍ୟରେ ପ୍ରଥମ ଥିଲା।

## ପତ୍ନୀ ଛାଡ଼ି ପଳାଇଲେ ଉପହାରରେ ମିଳୁଛି ଅବିବାହିତ ଝିଅ



ବେଜିଂ ଯଦି କୌଣସି ବ୍ୟକ୍ତିଙ୍କ ପତ୍ନୀ ତାଙ୍କୁ ଛାଡି ଅନ୍ୟ କାହା ସହ ଫେରାର ହୋଇଥାନ୍ତି ତେବେ ଏନେଇ ସ୍ୱାମୀଙ୍କୁ ଚିନ୍ତା କରିବାର ଆଉ ଆବଶ୍ୟକତା ନାହିଁ। କାରଣ ଏଭଳି ସ୍ୱାମୀଙ୍କୁ ଉପହାରରେ ଦିଆଯାଉଛି ଅବିବାହିତ ଝିଅ। ତା' ପୁଣି ପତ୍ନୀ ଛାଡି ପଳାଇବାର ୧ବର୍ଷ ଭିତରେ। ଚୀନର ଏକ ମ୍ୟାରେଜ ବ୍ୟୁରୋ ସଂସ୍ଥା ନିଜ ବିଜ୍ଞାପନରେ ଏହି ଅଫର ଦେଇଛି। ସୋସିଆଲ ମିଡିଆରେ ପ୍ରକାଶିତ ଖବର ଅନୁସାରେ ଚୀନର ଏକ ମ୍ୟାରେଜ ବ୍ୟୁରୋ ସଂସ୍ଥା ନିଜ ବିଜ୍ଞାପନରେ ଉଲ୍ଲେଖ କରିଛି ଯେ ଯଦି କୌଣସି ଚୀନର ବ୍ୟକ୍ତି ଭିଏତନାମର ମହିଳାଙ୍କୁ ବିବାହ କରିଛନ୍ତି ଏବଂ ଏହି ମହିଳା ତାଙ୍କୁ ଛାଡି ଅନ୍ୟତ୍ର ଘର ବସାଉଛନ୍ତି ତେବେ ଏହାର ପ୍ରତିବଦଳରେ ଉକ୍ତ ବ୍ୟକ୍ତିଙ୍କୁ ଭିଏତ୍‌ନାମର ଜଣେ ଅବିବାହିତା କନ୍ୟାଙ୍କୁ ମାଗଣାରେ ବିବାହ କରିବାର ସୁବିଧା ପ୍ରଦାନ କରାଯିବ। ୧ବର୍ଷ ଭିତରେ ଏହି ସୁବିଧା ପ୍ରଦାନ କରାଯିବ ବୋଲି ସଂସ୍ଥା ପକ୍ଷରୁ କୁହାଯାଇଛି।

## ସଡକ ପୂରା କରିବା ପାଇଁ ବିକିଦେଲେ ସମସ୍ତ ସମ୍ପତି



ଟେକ୍ସାସ୍ ସାଧାରଣତଃ ନିଜ ଘର ଓ ପରିବାରର ଆବଶ୍ୟକତା ପାଇଁ ଲୋକେ ଅର୍ଥ ସଂଚୟ କରିଥାନ୍ତି। ହେଲେ ଟେକସାସ୍‌ରେ ରହୁଥିବା ଜଣେ ଦମ୍ପତ୍ତି ନିଜର ଭ୍ରମଣ ସଡକ ପୂରା କରିବା ପାଇଁ ନିଜ ଘର ସହ ସମସ୍ତ ସମ୍ପତ୍ତିକୁ ବିକ୍ରି କରିଦେଇଛନ୍ତି। ଏହି ଦମ୍ପତ୍ତିଙ୍କର ମଧ୍ୟ ୫ଟି ସନ୍ତାନ ଅଛି। ଏହି ସ୍ୱାମୀ ସ୍ତ୍ରୀ ଜଣଙ୍କ ହେଉଛନ୍ତି ଷ୍ଟିଫେନ୍ ଏବଂ ଜୋର୍ଡାନ୍। ବର୍ତ୍ତମାନ ସେମାନେ ତୁର୍କୀ ଓ ଅଷ୍ଟ୍ରେଲିଆ ଟୁର୍ କରି ଫେରିଥିଲା ବେଳେ ଖୁବ୍ ଶୀଘ୍ର ଆଣ୍ଟାର୍କଟିକା, ନ୍ୟୁଜଲାଣ୍ଡ ଗସ୍ତରେ ଯିବାର ଯୋଜନାରେ ଅଛନ୍ତି। ପେଶାରେ ୱେବ ଡିଜାଇନର ଥିବା ଷ୍ଟିଫେନ୍ କୁହନ୍ତି ଯେ ମୋ ସ୍ୱାମୀ ଜୋଡାନ୍‌ଙ୍କର ଭ୍ରମଣ କରିବାର ବଡ଼ ସଉକ ରହିଛି। ସେ ମୋ ସହ ପିଲାମାନଙ୍କୁ ନେଇ ବିଭିନ୍ନ ଦେଶ ଭ୍ରମଣ କରୁଛନ୍ତି। ଏଥିପାଇଁ ଆମେ ଆମର ଘର ଓ ସମସ୍ତ ସମ୍ପତ୍ତି ବିକ୍ରି କରିଦେଇଛୁ। ତେବେ ଭ୍ରମଣ ପରେ ପୁଣି ଥରେ ନୂଆ ଘର ବସାଇବା ଯଦିଓ କଷ୍ଟକର ତଥାପି ଭ୍ରମଣ ସାରିବା ପରେ ହିଁ ଆମେ ଏ ସମ୍ପର୍କରେ ନିଷ୍ପତ୍ତି ନେଉ। ବିଶ୍ୱ ଭ୍ରମଣ ଦ୍ୱାରା ନୂଆ ଭାଷା, ନୂଆ ସଂସ୍କୃତି ସହ ଆମେ ଅବଗତ ହୋଇପାରୁଛୁ।

## ମହିଳା ଚପଲ ଉଠାଇବାରୁ ପଳାଇଲା କୁମ୍ଭୀର



ସିଡନୀ କୁମ୍ଭୀରଟିଏ ଦେଖିଲେ ଯେକୌଣସି ବ୍ୟକ୍ତିର ମନରେ ଭୟ ସୃଷ୍ଟି ହେବା ସ୍ୱାଭାବିକ। ହେଲେ ଅଷ୍ଟ୍ରେଲିଆର କକାଡୁ ନ୍ୟାସନାଲ ପାର୍କରେ ଏକ ଭିନ୍ନ ଘଟଣା ଦେଖିବାକୁ ମିଳିଛି । ଯେତେବେଳେ ଜଣେ ମହିଳା ଆକ୍ରମଣାତ୍ମକ ଆଭିମୁଖ୍ୟ ରଖିଥିବା ଏକ କୁମ୍ଭୀରକୁ ଚପଲ ଦେଖାଇଲେ ସେତେବେଳେ କୁମ୍ଭୀରଟି ହ୍ରଦ ଭିତରକୁ ପଳାଇଥିଲା। ମହିଳା ଜଣଙ୍କ ପାର୍କରେ ନିଜ କୁକୁର ସହ ବୁଲୁଥିଲା ବେଳେ ପାଖରେ ଥିବା ଏକ ହ୍ରଦରୁ କିଛି କୁମ୍ଭୀର ତାଙ୍କୁ ଦେଖିବା ସହ ଆକ୍ରମଣ କରିବାର ପରିସ୍ଥିତିକୁ ଆସିଥିଲେ। ଏହାଦେଖି ମହିଳା ଜଣଙ୍କ ବିନା ଡରରେ ଚପଲ ଉଠାଇ ମାରିବାକୁ ଗୋଡାଇଥିଲେ କୁମ୍ଭୀରମାନଙ୍କୁ। ଆଉ କୁମ୍ଭୀରମାନେ ପଳାଇଥିଲେ ହ୍ରଦ ଭିତରକୁ। ଏହି ଘଟଣାଟି ପାର୍କରେ ଲାଗିଥିବା ସିସି ଟିଭି କ୍ୟାମେରାରେ କଏଦ ହୋଇଯାଇଥିଲା। ବର୍ତ୍ତମାନ ଏହି ଭିଡିଓ ସୋସିଆଲ ମିଡିଆରେ ବଡ଼ ଭାଇରାଲ ହୋଇଛି।

## ଚା'ପତି ବଦଳରେ କୀଟନାଶକ, ୨ମୃତ



ଭଭୁଆ ବିହାରର କେମୁ ଜିଲା କୁଢନି ଥାନାରେ ବିଷାକ୍ତ ଚା' ପିଇ ଦୁଇ ମହିଳାଙ୍କ ମୃତ୍ୟୁ ସହ ୬ଜଣ ଗୁରୁତର ଅବସ୍ଥାରେ ଡାକ୍ତରଖାନାରେ ଚିକିତ୍ସିତ ହେବା ଘଟଣାରେ ପ୍ରକୃତ ତଥ୍ୟ ପଦାକୁ ଆସିଛି। ଚା' ତିଆରି ସମୟରେ ଭୁଲ ବଶତଃ ଚା' ପତି ବଦଳରେ ପକାଯାଇଥିଲା କୀଟନାଶକ। ପୁଲିସର କହିବା ଅନୁସାରେ ସୋତବା ଗ୍ରାମର ଦଶବନ୍ତି ଦେବୀଙ୍କ ଘରକୁ ସୋମବାର କିଛି ଅତିଥି ଆସିଥିଲେ। ରାତ୍ର ଭୋଜନ ସରିବା ପରେ ସମସ୍ତଙ୍କ ପାଇଁ ଚା' ତିଆରି ହୋଇଥିଲା। ହେଲେ ରୋଷେଇ ଘରେ ଥିବା କୀଟନାଶକକୁ ଚା' ପତି ଭାବି ଜଣେ ମହିଳା ପକାଇ ଦେଇଥିଲେ। ଆଉ ଏହା ପିଇବା ପରେ ବିଳମ୍ବିତ ରାତିରେ ଦଶବନ୍ତି ଓ ତାଙ୍କ ଝିଅ ସୀତା କୁଅଁରଙ୍କ ମୃତ୍ୟୁ ହୋଇଥିଲା।

# ଆଜିର ଭାଗ୍ୟ

**ମେଷ** – ସେବା ମନୋଭାବ ଯୋଗୁଁ କର୍ମକ୍ଷେତ୍ରରେ ସମ୍ମାନୀୟ ବ୍ୟକ୍ତି ବିଶେଷଙ୍କଠାରୁ ସାହାଯ୍ୟ ସହଯୋଗ ପାଇବେ। ବ୍ୟବସାୟ ଓ ନିର୍ମାଣ କ୍ଷେତ୍ରରେ ସମସ୍ୟର ସମାଧାନ ହେବ। ଶତ୍ରୁ ବୃଦ୍ଧି ହୋଇପରେ। ମହିଳାମାନେ ମାନସିକ ଚିନ୍ତାର ଶିକାର ହେବେ।

**ବୃଷ** – ନିଜ ଲୋକମାନେ ଈର୍ଷା ପରାୟଣ ହୋଇ ପରିସ୍ଥିତିକୁ ଭିନ୍ନ ରୂପ ଦେଲେ ମଧ୍ୟ ଆପଣ ନିଜର କଳା କୌଶଳ ପ୍ରୟୋଗ କରି ଜୟ ଯୁକ୍ତ ହେବେ। ଅର୍ଥ ସଂଗ୍ରହ କରିବାରେ ତତ୍ପରତା ପ୍ରକାଶ କରିବେ। ମହିଳାମାନେ ଅପମାନିତ ହୋଇପରନ୍ତି।

**ମିଥୁନ** – ସମସ୍ୟା ଉପରେ ସମସ୍ୟାର ସମାଧାନ କରି ବ୍ୟସ୍ତ ବିବ୍ରତ ହୋଇ ପଡିବେ। ସାଧାରଣ କଥାକୁ କେନ୍ଦ୍ର କରି ମନରେ ବିରକ୍ତି ଭାବ ସୃଷ୍ଟି ହୋଇପାରେ। ଆର୍ଥିକ ସ୍ୱଚ୍ଛଳତା ଓ ବନ୍ଧୁଙ୍କର ସାନ୍ନିଧ ଲାଭରୁ ଖୁସି ହେବେ।

**କର୍କଟ** – ପ୍ରତ୍ୟେକ କ୍ଷେତ୍ରରେ ସମସ୍ୟା ଆସିବାରୁ ମନ ଭାରାକ୍ରାନ୍ତ ରହିବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ସକାଶେ ଚିନ୍ତା କରିପାରନ୍ତି। ରାଜନୀତି କ୍ଷେତ୍ରରେ ପଦ ମର୍ଯ୍ୟାଦ ବୃଦ୍ଧି ପାଇବ। ଆଗାମୀ ମାଙ୍ଗଳିକ କାର୍ଯ୍ୟ ସକାଶେ ତତ୍ପରତା ପ୍ରକାଶ ପାଇବ।

**ସିଂହ** – ପ୍ରତ୍ୟେକ କ୍ଷେତ୍ରରେ ସଫଳତା ମିଳିବ। ସାମ୍ପତ୍ୱ ଜୀବନରେ ବୁଝାମଣା ନେଇ ତିକ୍ତତା ଦେଖା ଦେଇପାରେ। ନିର୍ମାଣ କ୍ଷେତ୍ରରେ ପ୍ରତିବନ୍ଧକ ସୃଷ୍ଟି ହୋଇପରେ। ଯେତେ ଭଲ କାମ କଲେ ମଧ୍ୟ ପ୍ରଶଂସା ବଦଳରେ ଅଭିଯୋଗ ପାଇବେ।

**କନ୍ୟା** – ପ୍ରତ୍ୟେକ କ୍ଷେତ୍ରରେ ଖର୍ଚ୍ଚାନ୍ତ ହୋଇ ଆଶା ପୂରଣ କରିବେ। କର୍ମକ୍ଷେତ୍ରରେ ସଙ୍କଟର ସମ୍ମୁଖୀନ ହେଲେ ମଧ୍ୟ କାର୍ଯ୍ୟକ୍ଷେତ୍ରରେ ସଫଳତା ହାସଲ କରିବେ। ଆନୁଷ୍ଠାନିକ କାମରେ ମହିଳାମାନେ ସମସ୍ୟାର ଦୃଢ଼ ମୁକାବିଲା କରିବେ।

**ତୁଳା** – ସ୍ତ୍ରୀଙ୍କର ପ୍ରେରଣା ଓ ସହଯୋଗରୁ ଉପକୃତ ହେବେ। କର୍ମକ୍ଷେତ୍ରରେ ଅତ୍ୟଧିକ ଖର୍ଚ୍ଚ କରିବାକୁବାଧ ହେବେ। ଆଶା କରୁଥିବା ଦିଗରୁ ଶୁଭ ଖବର ପାଇବେ। ମୋଟା ଅଙ୍କର ଅର୍ଥ ଖର୍ଚ୍ଚ କରି ସ୍ଥଗିତ କାମକୁ ତ୍ୱରାନିତ୍ୱ କରିବେ।

**ବିଛା** – ଚୁରତାର ସହ ବନ୍ଧୁଙ୍କ ମନରେ ବିଶ୍ୱାସ ଜନ୍ମାଇ କର୍ଯ୍ୟ ହାସଲ କରିବାରେ ସମର୍ଥ ହେବେ। ମାଙ୍ଗଳିକ କାର୍ଯ୍ୟ ସକାଶେ ଆଲୋଚନାରେ ବ୍ୟସ୍ତ ରହିବେ। ମନୋରଞ୍ଜନ କାର୍ଯ୍ୟକ୍ରମରେ ନିଜକୁ ନିୟୋଜିତ କରି ସାମୟିକ ଆନନ୍ଦ ପ୍ରାପ୍ତ କରିବେ।

**ଧନୁ** – ପାରିବାରିକ ଅସ୍ଥିରତା ଲାଗି ରହିଥିଲେ ମଧ୍ୟ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ କମ୍ ହେବ। ବନ୍ଧୁମାନଙ୍କ ଦ୍ୱାରା ସମସ୍ୟାର ସରଳ ସମାଧାନ ହେବ। ରାଜନୀତିକ ସ୍ତରରେ ଉନ୍ନତି କରିବେ। ମହିଳାମାନେ ପରିବାରର କଥାକୁ ଚିନ୍ତା କରି ଅସ୍ଥିର ହେବେ।

**ମକର** – କର୍ମକ୍ଷେତ୍ରରେ ଧୀରେ ସୁସ୍ଥେ ଗତି କରିବେ। ବ୍ୟବସାୟକୁ ଆଗକୁ ବଢ଼ାଇବା ପାଇଁ ପଦକ୍ଷେପ ଗ୍ରହଣ କରିବେ। ନିଜ ଦୋଷରୁ ନିଜ ପାଇଁ ଅସୁବିଧା ସୃଷ୍ଟି କରିବେ। ମହିଳାମାନେ ଗଠନ ମୂଳକ ପରାମର୍ଶ ପାଇ ଖୁସି ହେବେ।

**କୁମ୍ଭ** – ସନ୍ତାନମାନଙ୍କ ସ୍ୱାସ୍ଥ୍ୟ ଓ ସ୍ୱଭାବ ଯୋଗୁଁ ବିଚଳିତ ରହିବେ। ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କର ସାହାଯ୍ୟ ଲୋଡିବେ। ବ୍ୟବସାୟ କ୍ଷେତ୍ରରେ ଆଶାନୁରୂପକ ଲାଭବାନ ହେବେ। ମହିଳାମାନଙ୍କର ସ୍ୱାସ୍ଥ୍ୟହାନୀ ଘଟିପାରେ।

**ମୀନ** – ଦୁଃସାହସିକ ପଦକ୍ଷେପ ନେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ। ମଜଳିଆ କଥା କହି ବନ୍ଧୁଙ୍କୁ ଆକର୍ଷିତ କରିବେ। କେତେକ କ୍ଷେତ୍ରରେ ଚାପରୁ ସମ୍ମୁଖୀନ ହୋଇପାରନ୍ତି। ସନ୍ତାନଙ୍କ ପାଇଁ ଗୌରାବାନିତ୍ୱ ମନେ କରିବେ।

## କୃତ୍ରିମ ଜଳପ୍ରପାତ



ଚାଇନା ଅନ୍ତର୍ଗତ ୟୁନାନ ପ୍ରଦେଶର କୁନମିଂରେ ପର୍ଯ୍ୟଟକଙ୍କ ମନୋରଞ୍ଜନ ପାଇଁ ଏକ କୃତ୍ରିମ ଜଳ ପ୍ରପାତ ସୃଷ୍ଟି କରାଯାଇଛି । ଏହାର ଉଚ୍ଚତା ସାଢ଼େ ୧୨ ମିଟର । ଚଉଡା ଚାରି ଶହ ମିଟର । ନିଉଲାନ୍ ନଦୀରେ ପ୍ରବାହିତ ଜଳକୁ ୟୁନାନର ବୃହତ୍ତମ ମଧୁର ଜଳ ହ୍ରଦ ଡିଆନସି ମଧ୍ୟରେ ପ୍ରବେଶ କରାଇ ଏହି ପ୍ରପାତ ସୃଷ୍ଟି କରାଯାଇଛି । ଏହାଦ୍ୱାରା ବନ୍ୟା ବିପ୍ୱାତରୁ ରକ୍ଷା ମିଳିବା ସହ ସହରର ପାନୀୟ ଜଳ ଯୋଗାଣ ବ୍ୟବସ୍ଥାରେ ଉନ୍ନତି ଆସି ପାରିବ । କୃତ୍ରିମ ଜଳ ପ୍ରପାତ ଚାରିପଟେ ଉଦ୍ୟାନ ରହିଛି । ଦୁଇ ବର୍ଷ ତଳେ ଉଭୟ ପ୍ରପାତ ଓ ଉଦ୍ୟାନ ବିକଶିତ କରାଯାଇଛି । ଉକ୍ତ ପ୍ରକଳ୍ପରେ ସତର କୋଟି ମାର୍କିନ୍ ଡଲାର ବ୍ୟୟ ହୋଇଥିବା ପ୍ରକାଶ ।




# ୨ ୧ ରୁ ଟିକା ପ୍ରମାଣପତ୍ର ବିନା ଜଗା ଦର୍ଶନ





ଭକ୍ତଙ୍କ ଲାଗି କୋହଳ ହେଲା ଶ୍ରୀମନ୍ଦିର ପ୍ରବେଶ କଟକଣା। ବିନା କୋଭିଡ ସାର୍ଟିଫିକେଟ୍ ରେ ଶ୍ରୀମନ୍ଦିରରେ ପ୍ରବେଶ କରି ଜଗା ଦର୍ଶନ କରିପାରିବେ ସାଧାରଣ ଭକ୍ତ। କେବଳ ମାସ୍କ ପିନ୍ଧି ଶ୍ରଦ୍ଧାଳୁ ମନ୍ଦିର ଭିତରକୁ ପ୍ରବେଶ କରିପାରିବେ। ଆସନ୍ତା ୨୧ ତାରିଖରୁ ଏହି ନୟମ ଲାଗୁ ହେବ। ଛତିଶାନିଯୋଗ ବୈଠକରେ ଏହି ନିଷ୍ପତ୍ତି ନିଆଯାଇଥିବା ଶ୍ରୀମନ୍ଦିର ପ୍ରସାଶକ କ୍ରିଷନ କୁମାର ସୂଚନା ଦେଇଛନ୍ତି। ତେଣେ ରାଷ୍ଟ୍ରପତିଙ୍କ ଶ୍ରୀମନ୍ଦିରରେ ଦର୍ଶନ ପାଇଁ ୧୯ ତାରିଖ ଅପରାହ୍ନ ୪ଟାରୁ ୬ଟା ପର୍ଯ୍ୟନ୍ତ ସାଧାରଣ ଦର୍ଶନ ବନ୍ଦ ରହିବ ବୋଲି ଶ୍ରୀମନ୍ଦିର ପ୍ରସାଶକ କହିଛନ୍ତି। ଅଧିକାଂଶ ଲୋକ ଡବଲ ଡୋଜ୍ ଟିକା ନେଇଥିବାରୁ ଓ ରାଜ୍ୟରେ ସଂକ୍ରମଣ କମୁଥିବାରୁ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଏଭଳି ନିଷ୍ପତ୍ତି ନିଆଯାଇଛି। ଯାହା ଭକ୍ତଙ୍କୁ ଆଶ୍ୱସ୍ତ କରିଛି।

କରୋନା ପାଇଁ ଦୁଇ ବର୍ଷ ପରେ ପୁରୀ ଶ୍ରୀମନ୍ଦିର ଦର୍ଶନ ପାଇଁ କୋହଳ ହୋଇଛି କରୋନା କଟକଣା। ମହାମାରୀ କରେନା ଲାଗି ଗତ ୨୦୨୦ ମସିହା ମାର୍ଚ୍ଚ ୨୦ ତାରିଖରୁ ଭକ୍ତଙ୍କ ଲାଗି ଦର୍ଶନ ବନ୍ଦ ରହିଥିଲା। ପରେ ପରେ ପର୍ଯ୍ୟାୟକ୍ରମେ ମନ୍ଦିର ଖୋଲିଥିଲେ ସୁଦ୍ଧା କଟକଣା ମଧ୍ୟରେ ଭକ୍ତମାନେ ଶ୍ରୀମନ୍ଦିରକୁ ଯାଇ ମହାପ୍ରଭୁଙ୍କୁ ଦର୍ଶନ କରିଥିଲେ। ଦୀର୍ଘ ଦିନ ଧରି ଭଗବାନ ଓ ଭକ୍ତ ମଧ୍ୟରେ ଦୂରତାରେ ପଡିଛି ପୂର୍ଣ୍ଣଚ୍ଛେଦ। ଏଣିକି ନିର୍ବିଘ୍ନରେ ହେବ କାଳିଆ ଦର୍ଶନ। ଭକ୍ତ-ଭଗବାନଙ୍କ ଭିତରେ ଆଉ ବାଧା ସାଜିବନି କୋଭିଡ ରିପୋର୍ଟ। ହଟିବ କିଓସ୍କ କାଉଣ୍ଟର। ନିତିକାନ୍ତିକୁ ନେଇ ୨୦ରୁ ୨୫ ତାରିଖ ମଧ୍ୟରେ ବସିବ ନୀତି ସବ୍ କମିଟ ବୈଠକ। ମଙ୍ଗଳ ଆଳତୀ ନୀତି ଶୃଙ୍ଖଳିତ କରିବା ପାଇଁ ଏହି ବୈଠକରେ ସ୍ଥିର ହେବ। ତେବେ ପୂର୍ବପରି ରବିବାର ଦର୍ଶନ ବନ୍ଦ ରହିବ। ମାର୍ଚ୍ଚ ଦ୍ୱିତୀୟ ସପ୍ତାହରେ ଏସ୍ଓପି ସମୀକ୍ଷା କରାଯିବ। ସେତେବେଳକୁ ସ୍ଥିତିକୁ ଦେଖି ଯାହା ନିଷ୍ପତ୍ତି ନିଆଯିବ ବୋଲି ସୂଚନା ମିଳିଛି। ବେଠକରେ ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲାପାଳ ତଥା ଶ୍ରୀମନ୍ଦିର ଉପମୁଖ୍ୟ ପ୍ରଶାସକ ସମର୍ଥ ବର୍ମା, ନୀତିପ୍ରଶାସକ ଜିତେନ୍ଦ୍ର କୁମାର ସାହୁ, ଛତିଶାନିଯୋଗ ନାୟକ ଜନାର୍ଦ୍ଦନ ପାଟଯୋଶୀ ମହାପାତ୍ର, ସେବାୟତ ପ୍ରତିନିଧି ମାଧବ ପୂଜାପଣ୍ଡା, ମାଧବ ଚନ୍ଦ୍ର ମହାପାତ୍ର, ଦୁର୍ଗା ଦାସମହାପାତ୍ରଙ୍କ ସମେତ ବିଭିନ୍ନ ନିଯୋଗ କର୍ମକର୍ତ୍ତା ଉପସ୍ଥିତ ଥିଲେ।

ସୂଚନାଯୋଗ୍ୟ ଯେ, ପୂର୍ବରୁ କୋଭିଡ ଜନିତ କଟକଣା ଯୋଗୁଁ ବନ୍ଦ ରହିଥିବା ଶ୍ରୀମନ୍ଦିର ପ୍ରଥମେ ଡିସେମ୍ବର ୨୩ ତାରିଖରୁ ଖୋଲି ଥିଲା। ପରେ ଗତ ୨୬ ତାରିଖ ଠାରୁ ୩୧ ତାରିଖ ମଧ୍ୟରେ ୬୫ହଜାର ଭକ୍ତ ଶ୍ରୀମନ୍ଦିରରେ ଶ୍ରୀଜୀଉଙ୍କୁ ଦର୍ଶନ କରିଥିଲେ । ପରେ ଜାନୁଆରୀ ୩ତାରିଖଠାରୁ ଆଜି ପର୍ଯ୍ୟନ୍ତ କୋଭିଡ ନେଗେଟିଭ୍ ପ୍ରମାଣପତ୍ର ଧରି ୨୫ ହଜାର ଶ୍ରଦ୍ଧାଳୁ ଶ୍ରୀଜୀଉମାନଙ୍କ ଦର୍ଶନ କରିଛନ୍ତି ବୋଲି ସୂଚନା ମିଳିଛି। ସମସ୍ତ ଭକ୍ତମାନଙ୍କୁ ଶ୍ରୀଜୀଉଙ୍କ ଦର୍ଶନ ସୁଯୋଗ ଦେବା ଲାଗି ରାଜ୍ୟ ସରକାର, ଶ୍ରୀମନ୍ଦିର ପ୍ରଶାସନ ଓ ଜିଲ୍ଲା ପ୍ରଶାସନର ଉଦ୍ଦେଶ୍ୟ ରହିଛି। ୬୫ ବର୍ଷରୁ ଉର୍ଦ୍ଧ୍ୱ ବୟସ୍କ ବ୍ୟକ୍ତିମାନଙ୍କୁ ଶ୍ରୀମନ୍ଦିରରେ ଚତୁର୍ଦ୍ଧା ମୂର୍ତ୍ତିଙ୍କ ଦର୍ଶନ ଲାଗି କଟକଣା ଜାରି କରାଯାଇଥିଲା । ନୂଆ ନିୟମ ଅନୁସାରେ ସପ୍ତାହକୁ ଗୋଟିଏ ଦିନ ଅର୍ଥାତ ରବିବାର ଶ୍ରୀମନ୍ଦିର ଦର୍ଶନ ବନ୍ଦ ରହିବ। ଅନ୍ୟ ଦିନ ମାନଙ୍କରେ ଭକ୍ତମାନେ ଯେପରି ସୁରୁଖୁରୁରେ ଦର୍ଶନ କରି ଫେରିବେ ତାର ବ୍ୟବସ୍ଥା କରାଯାଉଛି।

୨୦୨୦ ରୁ ଆଜି ପର୍ଯ୍ୟନ୍ତ ମହାମାରୀ କରୋନା ଦେଇଛି ଅନେକ ଦୁଃଖ ଓ ଯାତନା । ଜୀବନ ପାଇଁ ଚାଲିଛି ବିଶ୍ୱବ୍ୟାପି ସଂଘର୍ଷ । ଆମ ଦେଶ ତଥା ରାଜ୍ୟରେ ମଧ୍ୟ ଏଥିରୁ ବାଦ୍ ପଡିଲା ନାହିଁ। ଖାଲି ସେତିକି ନୁହେଁ, କରୋନାର ପ୍ରଭାବ ଯୋଗୁଁ ପର୍ବପର୍ବାଣିର ଚମକ ମଧ୍ୟ ହଜିଯାଇଛି। ବଦଳିଯାଇଛି ଆମ ସଂସ୍କୃତି ଓ ପରମ୍ପରା। ଏଠାରେ ଉଲ୍ଲେଖ କରାଯାଇପରେକି ଗଣେଶ ପୂଜାରୁ ଓଡିଆ ଶାରଦୀୟ ପାର୍ବଣ ଋତୁ ଆରମ୍ଭ ହୋଇ ଦୀପାବଳି ଯାଏ ଲମ୍ବିଥାଏ। ପୂର୍ବପରି ଚଳିତ ବର୍ଷ ମଧ୍ୟ ଗଣେଶ ପୂଜାରେ କେଉଁଠି ଆନନ୍ଦ-ଉଲ୍ଲାସ ନଥିଲା । ଚାରିଆଡେ ଖାଁ ଖାଁ ପରିବେଶ।ସତେ ଯେମିତି କୌଣସି ଏକ ଅଜଣା ଭୟ ଘାରିରହିଛି ସମସ୍ତଙ୍କୁ ।ମଉଜ-ମଜଲିସ୍, ହସ-ଖୁସି,ଆନନ୍ଦ-ଉଲ୍ଲାସ ଛଡାଇ ନେଇଛି ଏକ ଅଜଣା ଆତଙ୍କ ।ଜୀବନ ପାଖରେ ଏସବୁ ବଳି ପଡିଛି। ଚଳିତ ବର୍ଷ କରୋନା ସଙ୍କ୍ରମଣକୁ ରୋକିବା ପାଇଁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ପାର୍ବଣ ଉପରେ ଲଗାଇଥିଲେ ରୋକ୍। ଯାହାଫଳରେ ପର୍ବପର୍ବାଣି ପାଳନ ଉପରେ ଏହାର ପ୍ରଭାବ ବେଶ ବାରିହୋଇପଡୁଥିଲା। ଆମ ଦେଶରେ ମହାରାଷ୍ଟ୍ର, ଗୋଆ, କର୍ଣ୍ଣାଟକ,କୋଲକତା, ଗୁଜୁରାଟ, ଛତିଶଗଡ ଓ ଅନ୍ୟାନ୍ୟ ରାଜ୍ୟ ମାନଙ୍କରେ ଗଣେଶ ପୂଜା ମଧ୍ୟ ଆଡମ୍ବର ସହକାରେ ପାଳନ କରାଯାଏ । ସେହିପରି ଆମରାଜ୍ୟରେ ଭୁବନେଶ୍ୱର, ପୁରୀ,କଟକ, ଖୋର୍ଦ୍ଧା, ବ୍ରହ୍ମପୁର, ରାଉଲକେଲା, କେନ୍ଦ୍ରାପଡା, ଭଦ୍ରକ, ଜଗତସିଂପୁର ତଥା ଅନ୍ୟ ଜିଲ୍ଲାମାନଙ୍କରେ ଗଣେଶ ପୂଜା ଜାକ ଜମକରେ ପାଳିତ ହୋଇଥାଏ। କରାନା କଟକଣା ଯୋଗୁଁ ଏବର୍ଷ ସର୍ବସାଧାରଣରେ କୌଣସି ଅନୁଷ୍ଠାନ ପୂଜା କରିବା ଉପରେ ପ୍ରତିବନ୍ଧକ ଲଗାଯାଇଥିଲା। ଏବର୍ଷ ଗଣେଶ ପୂଜା କେବଳ ବିଧିବିଧାନରେ ସୀମିତ ରହଲା। ସୀମିତ ପିଲାରେ ଶ୍ରୀପଞ୍ଚମୀ ପାଳନ ପାଇଁ ଅନୁଷ୍ଠାନମାନଙ୍କୁ ମଧ୍ୟ ସୂଚନା ଦିଆଯାଇଥିଲା।

ବିଗତ ଦିନରେ ରଙ୍ଗର ପର୍ବ ହୋଲିଠାରୁ ଆରମ୍ଭ ହୋଇଥିଲା ଏହି କଟକଣା ।ଏଥିସହିତ ଦଣ୍ଡଯାତ୍ରା, ବିଷୁବ ସଂକ୍ରାନ୍ତି, ଇଦ୍ ମଧ୍ୟ ଏଥିରୁ ବାଦ୍ ପଡିନଥିଲା।ଏପରିକି ବିଶ୍ୱ ପ୍ରସିଦ୍ଧ ରଥଯାତ୍ରା କରୋନା କଟକଣାରୁ ମୁକ୍ତ ହୋଇପାରି ନ ଥିଲା। ସେହିପରି ସାର୍ବଜନୀନ ଦୁର୍ଗା ପୂଜାକୁ ଚଳିତ ବର୍ଷ କରୋନା ମହାମାରୀ ମଧ୍ୟ ଓଲଟପାଲଟ କରିଦେଲା। ଇତିମଧ୍ୟରେ ଶାରଦୀୟ ଦୁର୍ଗାପୂଜା ଶେଷ ହୋଇଛି। ମା' ଚୁପ୍‌ଚାପ୍ ଆସିଲେ ଓ ଗଲେ। ବିଭିନ୍ନ ପୀଠ ଓ ମଣ୍ଡପରେ ମା'ଙ୍କ ପୂଜା ବିଧିରକ୍ଷା ପାଇଁ ଅନୁଷ୍ଠିତ ହୋଇଥିଲା। ତୋରଣ କି ଆଲୋକ ସଜ୍ଜା ନଥିଲା। କେବଳ ମଣ୍ଡପରେ ଯାହା ମା'ଙ୍କୁ ଆବାହନ କରାଯାଇଥିଲା ତାହା ପୁଣି କରୋନା କଟକଣା ଭିତରେ । ମୂର୍ତ୍ତିର ଉଚ୍ଚତାକୁ ନେଇ ଅନେକ ବିବାଦ ମୁଣ୍ଡ ଟେକିଥିଲା। କିନ୍ତୁ କରୋନା ପାଇଁ ମଧ୍ୟ ମୂର୍ତ୍ତି ଉଚ୍ଚତାରେ ପରିବର୍ତ୍ତନ କରାଯାଇନଥିଲା। ପାଞ୍ଚଜଣରୁ ଅଧିକ କର୍ମ କର୍ତ୍ତା ମଣ୍ଡପରେ ରହିବା ଉପରେ କଟକଣା ଜାରିକରାଯାଇଥିଲା। ପ୍ରତି ବର୍ଷ ଦଶହରା ପାଇଁ ଚଳଚଞ୍ଚଳ ହୋଇ ଉଠୁଥିବା କଟକ ଓ ଭୁବନେଶ୍ୱର ସହରରେ ଏଥର ମଧ୍ୟ ଦଶହରାରେ ଥିଲା ଅସମ୍ଭବ ନିରବତା। ରାସ୍ତା ଘାଟ ଜନଶୂନ୍ୟ, ପୂଜାମଣ୍ଡପ ଖାଁ ଖାଁ ଲାଗୁଥିଲା। ବାଜା କି ମାଇକି ବାଜୁନଥିଲା ବା ଉଜ୍ଜଳ ଆଲୋକ ମାଳାରେ ତୋରଣ ଝଲସୁନଥିଲା। ପରବର୍ତ୍ତୀ ପର୍ଯ୍ୟାୟରେ କୁମାର ପୂର୍ଣ୍ଣିମା , ଦୀପାବଳୀ ଉତ୍ସବ ମହାମାରୀ ଜନିତ ଦୃଢକଟକଣା ଯୋଗୁଁ ପୂର୍ବ ବର୍ଷ ମାନଙ୍କ ଭଳି ସ୍ୱାଭାବିକ ରୀତିରେ ପାଳନ ହୋଇପାରିଲା ନାହିଁ। ଦୀପାବଳି ପାଇଁ କେବଳ ସବୁଜ ବାଣ ଫୁଟାଇବା ପାଇଁ ଅନୁମତି ଥିଲା।

୨୦୨୧ରେ ମଧ୍ୟ ବାଲିଯାତ୍ରା ପାଇଁ କଟକଣା ଥିଲା। କଟକରେ ହୋଇପାରିଲାନି ପ୍ରସିଦ୍ଧ ବାଲିଯାତ୍ରା । ଏହାଛଡା ପାରାଦ୍ୱୀପଠାରୁ ଆରମ୍ଭ କରି ଚିଲିକା ପର୍ଯ୍ୟନ୍ତ ବିଭିନ୍ନ ସ୍ଥାନରେ ହେଉଥିବା ବୋଇତ ବନ୍ଦାଣ କାର୍ଯ୍ୟକ୍ରମ ବି ଏବର୍ଷ ଫିକା ପଡିଲା। ସେହିପରି ଧବଳେଶ୍ୱରରେ ବି ବଡଓଷା ଉତ୍ସବ ପାଳନକୁ ଅନୁମତି ମିଳିନଥିଲା। କେବଳ ସେତିକି ନୁହେଁ, କରୋନା ମାଡରେ ବଡଦିନ ଓ ଚଳିତ ୨୦୨୨ ନୂଆବର୍ଷ ପାଳନ ମଧ୍ୟ ଫିକା ପଡିଥିଲା। ଏବେ ଜଗାଦର୍ଶନ ପାଇଁ କରୋନା ହଟିଛି। ଓଡିଆ ଜାତିର ଆରାଧ୍ୟ ଦେବତା କାଳିଆ ଠାକୁର। ଭାବବିନୋଦିଆ ଠାକୁର ସେ। ଭକ୍ତ ପାଇଁ ସେ ସବୁ କିଛି କରିପାରନ୍ତି । କେଉଁଠି ଭକ୍ତ ଦାସିଆ ପଠାଇଥିବା ନଡିଆନେବା କଥା ହେଉ, ବା ଭକ୍ତ ସାଲବେଗ କଥା ହେଉ ବା ଭକ୍ତ ବଳରାମ ଦାସଙ୍କ ପାଇଁ ରଥ ଅଟକିବା ହେଉ, ସବୁଠି ତାଙ୍କ ଅଲୌକିକ ଲୀଳା।

**ହିମାଂଶୁଶେଖର ଆର୍ଯ୍ୟ, ସଭାପତି, ସାରସ୍ୱତ ପରିଷଦ, ଜଗତସିଂହପୁର, ମୋ-୯୯୩୭୧୫୧୦୫୨**

# ମାଷ୍ଟର କ୍ୟାଂଟିନ ଛକରେ ଭୁବନେଶ୍ୱର ଜିଲ୍ଲା ଛାତ୍ର କଂଗ୍ରେସର ବିକ୍ଷୋଭ




ଭୁବନେଶ୍ୱର (ପିଏନ୍)-ପ୍ରଦେଶ ଛାତ୍ର କଂଗ୍ରେସ ସଭାପତି ଶ୍ରୀ ୟାସିର ନୱାଜଙ୍କ ନେତୃତ୍ୱରେ ଭୁବନେଶ୍ୱର ଏବଂ ବିଭିନ୍ନ ଜିଲ୍ଲାରେ ଆସାମ ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱଶର୍ମା ଉତରାଖଣ୍ଡ ନିର୍ବାଚନର ପ୍ରଚାର ସମୟରେ ଜନନାୟକ ତଥା ପୂର୍ବତନ କଂଗ୍ରେସ ଅଧ୍ୟକ୍ଷ ଶ୍ରୀଯୁକ୍ତ ରାହୁଲ ଗାନ୍ଧୀଙ୍କ ପ୍ରତି ଯେଉଁ ଆଶାଳୀନ ମନ୍ତବ୍ୟ ଦେଇଛନ୍ତି ତାହା ବିରୋଧରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଏହି କାର୍ଯ୍ୟକ୍ରମରେ ରାଷ୍ଟ୍ରୀୟ ଛାତ୍ର କଂଗ୍ରେସର ସଂପାଦକ ଏବଂ ଓଡ଼ିଶା ପ୍ରଭାରୀ ସୁଶ୍ରୀ ଅନୁଲେଖା ବୋଷା ଅଂଶଗ୍ରହଣ କରିଥିଲେ। ମାଷ୍ଟରକ୍ୟାଂଟିନ ଛକରେ ଭୁବନେଶ୍ୱର ଜିଲ୍ଲା ଛାତ୍ର କଂଗ୍ରେସ ପକ୍ଷରୁ ଏହି ବିକ୍ଷୋଭ କରାଯାଇଥିଲା। ସେଠାରେ ହିମନ୍ତ ବିଶ୍ୱଶର୍ମା ଏବଂ ନରେନ୍ଦ୍ର ମୋଦିଙ୍କ କୁଶପୁତଳିକା ଦାହ କରାଯାଇଥିଲା। ଭୁବନେଶ୍ୱର ଜିଲ୍ଲା ଛାତ୍ର କଂଗ୍ରେସ ସଭାପତି ଶ୍ରୀ ଜଗଦିଶ ଗଜେନ୍ଦ୍ର ଏହି ପରିପ୍ରେକ୍ଷୀରେ ହିମନ୍ତ ବିଶ୍ୱଶର୍ମା ଓ ନରେନ୍ଦ୍ର ମୋଦିଙ୍କୁ ଦୃଢ଼ ସମାଲୋଚନା କରିଥିଲେ। ପ୍ରଦେଶ ଛାତ୍ର କଂଗ୍ରେସ ମୁଖ୍ୟ ମୁଖପାତ୍ର ଶ୍ରୀ ବିଶ୍ୱଭୂଷଣ ମହାପାତ୍ର କହିଛଁ ଯେ ହିମ' ବିଶ୍ୱଶର୍ମାଙ୍କ ଅଶାଳୀନ ମ'ବ୍ୟରେ ତାଙ୍କର ନଷ୍ଟ ଏବଂ ଅଭଦ୍ର ବ୍ୟକ୍ତିତ୍ୱର ପରିପ୍ରକାଶ ହୋଇଛି। ଏକ ଗଣତାନ୍ତ୍ରିକ ରାଷ୍ଟ୍ରରେ ବିରୋଧୀ ଦଳ ସରକାରଙ୍କ ସମସ୍ତ କାର୍ଯ୍ୟକୁ ସମୀକ୍ଷା ଓ ସମାଲୋଚନା କରିବାର ଅଧିକାର ରହିଛି। ସରକାରଙ୍କର କୌଣସି ପଦକ୍ଷେପ ଉପରେ ବିରୋଧି ପ୍ରଶ୍ନ କରିପାରିବ। ସରଜିକାଲ ଷ୍ଟାଇକ ଓ କରୋନା ଭାକ୍‌ସିନ୍ ପ୍ରସଙ୍ଗରେ କେନ୍ଦ୍ର ସରକାରଙ୍କୁ କଂଗ୍ରେସର ବିଭିନ୍ନ ପ୍ରଶ୍ନର ପ୍ରତିବାଦ କରିବାକୁ ଯାଇ ଉତରାଖଣ୍ଡ ନିର୍ବାଚନ ପ୍ରଚାରରେ ହିମନ୍ତ ବିଶ୍ୱଶର୍ମା ସମସ୍ତ ସାଧାରଣ ଶାଳୀନତା ଟପି କହିଲେ ଯେ ରାହୁଲ ଗାନ୍ଧୀ ପୂର୍ବତନ ପ୍ରଧାନମନ୍ତ୍ରୀ ରାଜୀବ ଗାନ୍ଧୀଙ୍କ ପୁଅ କି ନାହିଁ ଭାଜପା କେବେ ପ୍ରଶ୍ନ କରିନାହିଁ। ହିମନ୍ତ ବିଶ୍ୱଶର୍ମାଙ୍କ ଏଭଳି ମନ୍ତବ୍ୟ ତାଙ୍କର ହୀନମନ୍ୟତା ଏବଂ ଭାଜପାର ହୀନରାଜନୀତିକୁ ସ୍ପଷ୍ଟ କରୁଛି। ଗାନ୍ଧୀ ପରିବାରର ପୂର୍ବଜମାନଙ୍କୁ ଦେଶର ଗୋଡ଼ିମାଟି ଜାଣେ। ସ୍ୱାଧୀନତା ସଂଗ୍ରାମୀ ଗଙ୍ଗାଧର ନେହେରୁଙ୍କ ପୁଅ ଥିଲେ ପୂର୍ବତନ ଏଆଇସିସି ସଭାପତି ମୋତିଲାଲ ନେହେରୁ ଏବଂ ତାଙ୍କ ପୁଅ ଥିଲେ ପଣ୍ଡିତ ଜବାହାରଲାଲ ନେହେରୁ। ପଣ୍ଡିତ ନେହେରୁଙ୍କ କନ୍ୟାଥିଲେ ଇନ୍ଦିରା ଗାନ୍ଧୀ ଏବଂ ଇନ୍ଦିରା ଗାନ୍ଧୀଙ୍କର ପୁଅ ଥିଲେ ରାଜୀବ ଗାନ୍ଧୀ। ରାଜୀବ ଗାନ୍ଧୀଙ୍କର ପୁଅ ହେଉଛଁ ଜନନାୟକ ରାହୁଲ ଗାନ୍ଧୀଜୀ। ଏକଥା ଦେଶରେ ଜଣେ ସାଧାରଣ ନାଗରିକ କହିବ। ଏଣୁ ରାହୁଲ ଗାନ୍ଧୀଙ୍କର ବୁନିଆଦି ଉପରେ ପ୍ରଶ୍ନ କରିବା ଆସାମ ମୁଖ୍ୟମନ୍ତ୍ରୀଙ୍କର ଏକ ଅଭଦ୍ରୋଚିତ ଆଚରଣ ଓ ଉଚାରଣ। ଏଣୁ ହିମନ୍ତ ବିଶ୍ୱଶର୍ମାଙ୍କ ମନ୍ତବ୍ୟ ଆସାମ ପ୍ରଦେଶର ଗରିମାକୁ ନଷ୍ଟ କରୁଛି। ଏଭଳି ଜଣେ ଅଭଦ୍ର ଲୋକଙ୍କୁ ବିଜେପି ମୁଖ୍ୟମନ୍ତ୍ରୀ ପଦବୀରେ ବସାଇଥିବାରୁ ଛାତ୍ର କଂଗ୍ରେସ ଉଭୟ ଆସାମ ମୁଖ୍ୟମନ୍ତ୍ରୀ ଏବଂ ବିଜେପିର ଘୃଣ୍ୟ, ବିବେକହୀନ ଏବଂ ଅସାମାଜିକ ଆଚରଣର ଦୃଢ଼ ନିନ୍ଦା କରୁଛି। ହିମନ୍ତ ବିଶ୍ୱଶର୍ମା କେବଳ ରାହୁଲ ଗାନ୍ଧୀ ନୁହେଁ ଭାରତ ରନ୍ ରାଜୀବ ଗାନ୍ଧୀଙ୍କୁ ମଧ୍ୟ ତାଙ୍କ ବକ୍ତବ୍ୟରେ ଅପମାନିତ କରିଛନ୍ତି। ଏଣୁ ଛାତ୍ର କଂଗ୍ରେସ ହିମନ୍ତ ବିଶ୍ୱଶର୍ମା ଏବଂ ନରେନ୍ଦ୍ର ମୋଦି ଜନନାୟକ ରାହୁଲ ଗାନ୍ଧୀଙ୍କୁ କ୍ଷମା ପ୍ରାର୍ଥନା କରନ୍ତୁ ବୋଲି ଦାବି କରୁଛି। ଏହି କାର୍ଯ୍ୟକ୍ରମରେ କାର୍ତିକେଶ୍ୱର କାଣ୍ଡି, ସାହାରୁଖ ଖାନ, ଉଦିତ୍ ପ୍ରଧାନ, ନିଆଜୁଲ ଇସ୍‌ଲାମ, ମହମ୍ମଦ ସମିଉଲ, ନିତେଶ ବେହେରା, ରଣଜିତ ସେନାପତି, ସଫଳ ସମନ୍ୱୟ, ଜିତେନ୍ଦ୍ର ମଲ୍ଲିକ, ସଂଜିବ ରାଉତ, ଅଭିଜିତ ମିଶ୍ର, ତାପସ ରନ ସ୍ୱାଇଁ, ସାଇଦ୍ ସୋଏବ ଅଲ୍ଲି, ଶୁଭକାନ୍ତ ବେହେରା, ଆରିୟାନ ସାସ୍‌ମଲ, ଶୁଭମ ନନ୍ଦ, ଆଶୁତୋଷ ବେହେରା, ରାଜଦ୍ୱିପ ବେହେରା, ଜିତେନ୍ଦ୍ର ବାରିକ, ସାଇରାମ ପାଣିଗ୍ରାହୀ, ତନ୍ମୟ ଜେନା, ହଜିଫା ମନଜର, ସଂ'ୋଷ ସ୍ୱାଇଁ, ଅଭିଷେକ ଠାକୁର, ସୈଫ ଅଲ୍ଲି ଖାନ, ଇସ୍ରାଦ ଅନଂସାରୀ, ସୌରଭ କୁମାର, ମିର ରିଆଜ ପ୍ରମୁଖ ଅଂଶଗ୍ରହଣ କରିଥିଲେ।

# ଭୁଷଣ୍ଡପୁର ପଂଚାୟତରେ ନିଃସ୍ୱାର୍ଥପର ସରପଂଚ ପ୍ରାର୍ଥୀ ଭାରତ ଭୂଷଣ ପଣ୍ଡାଙ୍କ ପ୍ରଚାର ଅଭିଯାନ



ଚଣ୍ଡିଖୋଲ (ପି.ଏନ୍)-ବଡ଼ଚଣା ବ୍ଲକ୍ ଅନ୍ତର୍ଗତ ଭୁଷଣ୍ଡପୁର ପଂଚାୟତର ସରପଂଚ ପଦବୀ ପାଇଁ ୩ ଜଣ ପ୍ରାର୍ଥୀ ନିର୍ବାଚନ ରଣାଙ୍ଗରେ ପ୍ରଚାର କାର୍ଯ୍ୟ ଚଳାଇଛନ୍ତି। ସ୍ୱାଧିନପ୍ରାର୍ଥୀ ଭାବେ ଭାରତ ଭୂଷଣ ପଣ୍ଡା (ଜ୍ଞାନବାବୁ) ପ୍ରଚାର କାର୍ଯ୍ୟରେ ଆଗେଇ ଚାଲିଛନ୍ତି। ଶ୍ରୀ ପଣ୍ଡା ଶିକ୍ଷା କ୍ଷେତ୍ରରେ ସ୍ନାତକୋତର ସାରି ଆଇନଜୀବୀ ଭାବେ ସୁ-ପରିଚିତ ଓ ପ୍ରୟାସ ସ୍ୱେଚ୍ଛାସେବୀ ଅନୁଷ୍ଠାନ କରି ସାଧାରଣ ଲୋକଙ୍କ ସେବାରେ ନିଜକୁ ନିୟୋଜିତ କରିଛନ୍ତି। ସାମ୍ବାଦିକତା କ୍ଷେତ୍ରରେ ନିଜକୁ ଜନସେବାରେ ନିୟୋଜିତ କରି ସୁନାମ ଅର୍ଜନ କରିଛନ୍ତି। ସେ ଅଂଚଳରେ ଆଦିବାସୀ ପରିବାର ରହୁଥିବାରୁ ତାଙ୍କର ସେବା କରିବା ଥିଲା ମୂଳଲକ୍ଷ୍ୟ। ବହୁ ଯୁବକମାନେ ତାଙ୍କ ସହିତ ସାମିଲ୍ ହୋଇ ନିର୍ବାଚନ କାର୍ଯ୍ୟରେ ସାମିଲ ହୋଇଛନ୍ତି। ଜଣେ ଯୁବକ ନିସ୍ୱାର୍ଥପର ଭାବେ ଏ ଅଂଚଳରେ ଜଣାଶୁଣା। ଗାଁ ମୁଣ୍ଡରେ ଥିବା ଗରିବ ଜନ ସାଧାରଣ, ଦଳିତ ବର୍ଗର ଲୋକମାନଙ୍କୁ କିପରି ଭାବେ ଅଧିକ ସେବାରେ ନିଜକୁ ନିୟୋଜିତ କରିବେ ସେଥିପାଇଁ ତାଙ୍କର ପ୍ରଚେଷ୍ଟା ଜାରୀ ରହିଛି। ଅପରପକ୍ଷେ ଯେଉଁ ଦୁଇ ଜଣ ନିର୍ବାଚନ ଲଢୁଛନ୍ତି ସେଥିରୁ ୨୦୧୭ ମସିହାରେ ଯଯାତି କେଶରୀ ରାଉତ ସରପଂଚ ପଦ ଗ୍ରହଣ କରି ପୁନଃରାୟ ଚଳିତ ନିର୍ବାଚନରେ ବିଜେଡ଼ି ଦଳର ସମର୍ଥିତ ପ୍ରାର୍ଥୀ ହୋଇଛନ୍ତି। ଅନ୍ୟଜଣେ ଡ଼ମ୍ବରୁଧର ବେହେରା ମଧ୍ୟ ପ୍ରାର୍ଥୀ ପତ୍ରଦାଖଲ କରି ନିର୍ବାଚନ ପାଇଁ ଭୋଟ୍ ଭିକ୍ଷା କରିଛନ୍ତି। ପ୍ରକାଶ ଥାଉକି ୨୦୧୨ ମସିହାରେ ଡ଼ମ୍ବରୁ ବାବୁଙ୍କ ଧର୍ମପତ୍ନୀ ତୃପ୍ତିରାଣୀ ବେହେରା ସରପଂଚ ହୋଇଥିଲେ। ପଂଚାୟତର କେଉଁ କାର୍ଯ୍ୟ ଅସଂପୂର୍ଣ୍ଣ ରହିଗଲା ଯେ ସେମାନେ ପୁନରାୟ ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି। ସେମାନେ କଣ ସାଧାରଣ ଲୋକଙ୍କ ସେବା କରି ପାରି ନାହାଁନ୍ତି ନା କ'ଣ? ଦେଖାଯାଉଛି ପଂଚାୟତରେ ଛପରଘର ଥିବା ପରିବାର ପ୍ରଧାନମନ୍ତ୍ରୀ ଆବାସ ଓ ବିଜୁ ପକ୍କାଘର ଦୀର୍ଘ ୧୦ ବର୍ଷ ମଧ୍ୟରେ ପାଇପାରିନାହାଁନ୍ତି। ରାସନ୍ କାର୍ଡ଼ ମଧ୍ୟ ବହୁ ଗରିବ ପରିବାରଙ୍କୁ ଆଜି ପର୍ଯ୍ୟନ୍ତ ମିଳିନାହିଁ। ପୋଖରୀ ଖନନ କରାଯାଉଛି ତାହା ନାମ ମାତ୍ର ଭାବରେ କାର୍ଯ୍ୟ କରାଇ ରାଜକୋଷରୁ ବହୁ ଅର୍ଥରାଶି ଆତ୍ମସାତ୍ କରାଯାଉଛି। ମହାଖଳା ସ୍କୁଲ ପାଖରେ ଯେଉଁ ଖେଳ ପଡ଼ିଆ କରାଯାଇଛି ସେଠାରେ ଆଜି ସୁଦ୍ଧା ଖେଳ ହୋଇପାରି ନାହିଁ ବୋଲି ସାଧାରଣରେ ଅଭିଯୋଗ ହେଉଅଛି। ସରକାରଙ୍କ ପକ୍ଷରୁ ଲକ୍ଷ ଲକ୍ଷ ଅର୍ଥରାଶି ପଂଚାୟତକୁ ଆସିଥିଲା ବୃକ୍ଷ ରୋପଣ କରିବା ପାଇଁ କିନ୍ତୁ ସେ ପଂଚାୟତର ରାସ୍ତାକଡ଼ରେ ବୃକ୍ଷ ବଂଚିଥିବାର ଦେଖିବାକୁ ମିଳୁନାହିଁ। ତେଣୁ ଜଣାପଡୁଛି ଭୁଷଣ୍ଡପୁର ପଂଚାୟତର ସାଧାରଣ ଭୋଟର, ଶିକ୍ଷାବିତ୍, ପରିବେଶବିତ୍ ମାନେ ଠିକଣା ବାଟେ ବିଚାର କରି ସ୍ୱାଧିନପ୍ରାର୍ଥୀ ନିସ୍ୱାର୍ଥପର ଯୁବକ ଭାରତ ଭୂଷଣ ପଣ୍ଡାଙ୍କୁ ସୂର୍ଯ୍ୟ ଚିହ୍ନରେ ଭୋଟ ଦେବା ପାଇଁ ନିଷ୍ପତି ରହିଛି ବୋଲି କେତକ ଭୋଟର ଭାଇମାନଙ୍କ ଠାରୁ ପ୍ରକାଶ।

## ଧର୍ମଶାଳାରେ ପ୍ରଚାର ଶେଷ, ୧୬ରେ ଭୋଟ୍

ଧର୍ମଶାଳା (ପିଏନ୍): ଧର୍ମଶାଳା ବ୍ଲକର ୪୫ଟି ପଞ୍ଚାୟତରେ ହୋଇଥିବା ୬୩୭ଟି ବୁଥ୍‌ରେ ଆସ'। ୧୬ତାରିଖ ସକାଳ ୭ଟା ଠାରୁ ଦିନ ୧ଟା ପର୍ଯ୍ୟ' ଭୋଟ୍ ଗ୍ରହଣ କରାଯିବ। ଏଥିପାଇଁ ହୋଇଥିବା ୬୩୭ଟି ବୁଥ୍‌ରେ ବ୍ଲକ୍‌ର ମୋଟ ୧ଲକ୍ଷ ୭୭ ହଜାର ୧୧୨ଜଣ ଭୋଟର ସେମାନଙ୍କ ମତଦାନ ସାବ୍ୟସ୍ତ କରିବେ । ଏମାନଙ୍କ ମଧ୍ୟରୁ ୯୧ହଜାର ୭୧ଜଣ ପୁରୁଷ ଓ ୮୬ହଜାର ୪୧ଜଣ ମହିଳା ଭୋଟର ୨୦ଜଣ ଜିଲ୍ଲା ପରିଷଦ ପ୍ରାର୍ଥୀ, ୧୬୪ସରପଞ୍ଚ, ୧୪୦ସମିତିସଭ୍ୟ ଓ ୬୩୭ୱାର୍ଡସଭ୍ୟ ପ୍ରାର୍ଥୀଙ୍କ ଭାଗ୍ୟ ନିର୍ଦ୍ଧାରଣ କରିବେ । ଏନେଇ ପ୍ରଶାସନ ପକ୍ଷରୁ ସମସ୍ତ ପ୍ରସ୍ତୁତି ଚୂଡ଼ା' ହୋଇଛି । ପୋଲିଂ ପାର୍ଟି ଭୋଟ୍ ଗ୍ରହଣ କେନ୍ଦ୍ରକୁ ଯିବା ପାଇଁ ଛୋଟ ବଡ ୭୨ଟି ବସ୍ ଓ ୧୧୮ଟି ଟାଟା ମ୍ୟାଜିକ୍ ଗାଡି ବ୍ୟବସ୍ଥା କରାଯାଇଛି । ଆସ'କାଲି ଜାରକାସ୍ଥିତ ଧର୍ମଶାଳା କଲେଜ୍ ପରିସରରୁ ପୋଲିଂ ପାର୍ଟି ବାହାରିବେ । ସେହିପରି ପୁଲିସ୍ ପାଟ୍ରୋଲିଂ ପାଇଁ ୧୭୮ଟି ବୋଲେରୋ ଓ କାର୍ ବ୍ୟବହାର କରାଯିବ । ଭୋଟ୍ ପରେ ଧର୍ମଶାଳା କଲେଜ୍‌ରେ ହୋଇଥିବା ଷ୍ଟ୍ରଙ୍ଗ୍ ରୁମ୍‌ରେ କଡ଼ା ସୁରକ୍ଷା ମଧ୍ୟରେ ଭୋଟ୍ ବାକ୍ସ ରଖାଯିବା ସହିତ ଏଠାରେ ଗଣତି ପାଇଁ ବ୍ୟାପକ ବ୍ୟବସ୍ଥା କରାଯାଇଛି। ଷ୍ଟ୍ରଙ୍ଗ୍ ରୁମ୍ ସୁରକ୍ଷା ଓ ଭୋଟ ଗଣତି ପାଇଁ କଲେଜ୍ ପରିସରରେ ସିସି ମ୍ୟାମେରା ବ୍ୟବସ୍ଥା ଗ୍ରହଣ କରାଯାଇଛି। ଆସନ୍ତା ୨୬ତାରିଖରେ ଏହି ବ୍ଲକର ୧୧ନମ୍ବର ଜୋନ୍ ଅଧୀନ ୯ଟି ପଞ୍ଚାୟତର ଭୋଟ୍ ଗଣତି ହେବ। ସେହିପରି ୨୭ତାରିଖରେ ୧୨ନମ୍ବର ଜୋନ୍‌ର ୯ଟି ପଞ୍ଚାୟତ ଓ ୧୩ନମ୍ବର ଜୋନ୍‌ର ୧୦ଟି ପଞ୍ଚାୟତ ପାଇଁ ଦୁଇଟି ହଲ୍‌ରେ ଭୋଟ ଗଣତି ହେବ। ୨୮ତାରିଖରେ ୧୪ନମ୍ବର ଜୋନ୍‌ର ୯ଟି ପଞ୍ଚାୟତ ଓ ୧୫ନମ୍ବର ଜୋନ୍‌ର ୮ଟି ପଞ୍ଚାୟତ ପାଇଁ ଭୋଟ ଗଣତି କରାଯିବ। ପ୍ରତି ପଞ୍ଚାୟତ ପାଇଁ ଗୋଟିଏ ଲେଖାଏଁ ଟେବୁଲ୍‌ରେ ୪ଜଣ ଗଣତି କର୍ମଚାରୀ ନିୟୋଜିତ ହେବେ। ପ୍ରାର୍ଥୀ ଓ ପ୍ରାର୍ଥୀଙ୍କ ପ୍ରତିନିଧି ଗଣତି ଦିନ ମାନଙ୍କରେ ଉପସ୍ଥିତ ରହି ପାରିବେ ବୋଲି ବ୍ଲକ ନିର୍ବାଚନ ଅଧିକାରୀ ଅରବିନ୍ଦ ବେହେରା ସୂଚନା ଦେଇଛଁ।

## ମଦ ବୋଝେଇ ସ୍କର୍ପିଓ ଜବତ

ଧର୍ମଶାଳା (ପିଏନ୍): ଧର୍ମଶାଳା ଥାନା ଅନ୍ତର୍ଗତ ପାଖର ପଞ୍ଚାୟତ ଓସରା ଛକ ନିକଟରୁ ପୁଲିସ୍ ଗତକାଲି ରାତି ପ୍ରାୟ ୯ଟା ସମୟରେ ଚୋରା ମଦ ଭର୍ତି ଏକ ସ୍କର୍ପିଓ ଜବତ କରିଛି । ଚଢ଼ଉ ସମୟରେ ପୁଲିସ୍ ସ୍କର୍ପିଓ ଚାଳକକୁ କାବୁ କରି ନେଇଥିବା ବେଳେ ଜଣେ ପୂର୍ବତନ ସରପଞ୍ଚଙ୍କ ସମେତ ୨ଜଣ ଘଟଣାସ୍ଥଳରୁ ଚମ୍ପଟ ମାରିଥିବା ଜଣାଯାଇଛି । ଜବତ ହୋଇଥିବା ୬ଟି ପେଟିରେ ୨୨୬ବୋତଲ ବିଦେଶୀ ମଦ ରହିଥିବା ପୁଲିସ୍ ସୂଚନା ଦେଇଛି । ପ୍ରକାଶ ଯେ, ପାଖର ପଞ୍ଚାୟତରେ ଜଣେ ସ୍ୱାଧୀନ ସରପଞ୍ଚ ପ୍ରାର୍ଥୀଙ୍କୁ ଜିତାଇବା ପାଇଁ ତାଙ୍କ ବଡ଼ଭାଇ ବିପୁଳ ପରିମାଣର ମଦ ବାଣ୍ଟୁଥିବା ଅଭିଯୋଗ ହୋଇଥିଲା । ଖବର ପାଇ ଧର୍ମଶାଳା ଥାନାଧିକାରୀ ରାକେଶ କୁମାର ତ୍ରିପାଠୀ ଓସରା ଛକସ୍ଥିତ ସଂପୃକ୍ତ ପୂର୍ବତନ ସରପଞ୍ଚଙ୍କ ଘର ସମ୍ମୁଖରେ ସଦଳବଳ ଚଢ଼ଉ କରି ମଦ ବୋଝେଇ ସ୍କର୍ପିଓ(ଓଆର୍୦୪କେ-୦୦୧୧)କୁ ଜବତ କରିବା ସହିତ ଚାଳକକୁ ଥାନାକୁ ଧରିନେଇ ଅଟକ ରଖିଛି । ନିର୍ବାଚନ ପୂର୍ବରୁ ନିଜ ସମର୍ଥକ ଓ ଭୋଟରମାନଙ୍କୁ ମଦ ବାଣ୍ଟିବା ପାଇଁ ଉଦ୍ୟମ ହେଉଥିବା ୬ପେଟି ଜବତ ହୋଇଥିବା ବେଳେ ଅନ୍ୟ ସ୍ଥାନରେ ବି ମଦ ମହଜୁଦ ରଖାଯାଇଥିବା କୁହାଯାଉଛି । ତେବେ ସଂପୃକ୍ତ ପୂର୍ବତନ ସରପଞ୍ଚ ଖସି ଗଲେ ନା' ତାଙ୍କୁ ଖସାଇ ଦିଆଗଲା ଏହାକୁ ନେଇ ସ୍ଥାନୀୟ ଅଞ୍ଚରେ ନାନା ଚର୍ଚ୍ଚା ଆଲୋଚନା ଜୋର୍ ଧରିଛି ।

## ବିଜୁ ଜନତାଦଳକୁ ସନାତନ ମହାକୁଡଙ୍କ ସମର୍ଥନ, ନିର୍ବାଚନୀ ରଣନୀତି ଆରମ୍ଭ

ହାଟଡିହି (ପିଏନ୍): କେନ୍ଦୁଝର ଜିଲ୍ଲା ହାଟଡିହି ବ୍ଲକ ଅଧିନରେ ୩୪, ୩୫, ୩୬, ଓ ୩୭ ନମ୍ବର ଭାବେ ୪ ଗୋଟି ନିର୍ବାଚନୀ ଜୋନ୍ ରହିଥିବା ବେଳେ ସମଗ୍ର ରାଜ୍ୟରେ ତ୍ରିସ୍ତରୀୟ ପଂଚାୟତ ନିର୍ବାଚନ ଚାଲିଥିବାରୁ ବିଭିନ୍ନ ଦଳର ନେତା, କର୍ମୀ ଓ ଭୋଟର ମାନଙ୍କର ଦଳ ବଦଳ ଓ ବିଭିନ୍ନ ରାଜନୈତିକ ଦଳ ମାନଙ୍କୁ ମସର୍ଥନ ପ୍ରକ୍ରିୟା ଜାରି ରହିଥିବା ବେଳେ ତାହା ଆଜି ହାଟଡିହି ବ୍ଲକର ୪ ଗୋଟି ଜୋନ୍‌ରେ ଦେଖିବାକୁ ମିଳିଛି । ସୂଚନା ଅନୁଯାୟୀ କେନ୍ଦୁଝର ଜିଲ୍ଲାର ଚର୍ଚ୍ଚିତ ଚେହେରା ତଥା ପୂର୍ବତନ ସ୍ୱାଧୀନ ବିଧାୟକ ସନାତନ ମହାକୁଡଙ୍କର ବିଜୁ ଜନତା ଦଳକୁ ଏହି ପଂଚାୟତ ନିର୍ବାଚନରେ ସମର୍ଥନ ଥିବାରୁ ତାଙ୍କର ନିର୍ଦ୍ଦେଶ କ୍ରମେ ତାଙ୍କ ସଭାପତି ପଦ୍ମନାଭ ଯେନା ଏବଂ ହାଟଡିହି ବ୍ଲକରେ କେନ୍ଦୁଝର ସାଂସଦ ପ୍ରତିନିଧି ନନ୍ଦୁ ଚରଣ ଯେନାଙ୍କୁ ପଠାଇ ଜୋନ୍ ସ୍ତରୀୟ ବୈଠକ କରାଇ କର୍ମୀ ମାନଙ୍କ ସହଯୋଗରେ ଏହି ତ୍ରିସ୍ତରୀୟ ନିର୍ବାଚନରେ ବିଜୁ ଜନତା ଦଳର ଜିଲ୍ଲାପରିଷଦ ପ୍ରାର୍ଥୀ ଓ ପ୍ରାର୍ଥିନୀ ମାନଙ୍କୁ ବିପୁଳ ସଂଖ୍ୟାରେ ଭୋଟ ଦେଇ ଜିତାଇବା ପାଇଁ ପ୍ରଚାର ଓ ରଣନୀତି ପ୍ରସ୍ତୁତ କରୁଥିବା ଦେଖିବାକୁ ମିଳିଛି ।

## ବାଇପାସରେ ଗାଡି ଚାଲିବା ପରେ କେନ୍ଦୁଝର ସହର ମୁଖ୍ୟରାସ୍ତାର ନିର୍ମାଣ ପାଇଁ ୧୨କୋଟି ଟଙ୍କା ଅଟକଳ

କେନ୍ଦୁଝର (ପିଏନ୍): କେନ୍ଦୁଝର ସହର ଦେଇ ଯାଇଥିବା ଜାତୀୟ ରାଜପଥ ୪୯ରେ ଏବେ ଟ୍ରାଫିକ ସମସ୍ୟାରେ ଅନେକ ସୁଧାର ଆସିଛି । ସହର ବାହାରେ ବାଇପାସ ନିର୍ମିତ ଓ କାର୍ଯ୍ୟକ୍ଷମ ହେବା ପରେ ଏବେ ସହରଦେଇ ଯାଉଥିବା ଭାରୀଯାନଗୁଡିକ ଏହି ବାଇପାସ ଦେଇ ଚଳାଚଳ କରୁଛି । ତେବେ ମୁଖ୍ୟରାସ୍ତା ସାଧାରଣ ଦୁଇଚକିଆ ବା ଚାରିଚକିଆ ଯିବା ଉପଯୋଗୀ ହୋଇ ନ ଥିବାବେଳେ ଏହାକୁ ଯୁଦ୍ଧକାଳୀନ ଭିତ୍ତିରେ ନିର୍ମାଣ ଓ ସଂପ୍ରସାରଣ କରିବାକୁ ସାଧାରଣରେ ଦାବୀ ହୋଇଛି । ଏହି ରାସ୍ତା ଦେଇ ଦୈନିକ ହଜାର ହଜାର ଲୋକ ଚଳପ୍ରଚଳ କରୁଥିବା ଅନେକ ବସମଧ୍ୟ ଯାତାୟତ କରିଥାଁ । ଏହି ରାସ୍ତା ଯାହାକି ଶଙ୍କରପୁରଠାରୁ ଜୁଡିଆ ପର୍ଯ୍ୟ' ୧୧ କିଲୋମିଟର ରାସ୍ତା ନିର୍ମାଣ ପାଇଁ ରାଜ୍ୟ ସରକାରଙ୍କ ଅଧିନରେ ଥିବା ଜାତୀୟ ରାଜପଥ ବିଭାଜନ ଯାହାକି ବର୍ତ୍ତମାନ ଏନଏଚ୍ ବିଭାଗ ଅଧିନରେ ରହିଛି ତାହା ୧୨କୋଟି ୯୮ଲକ୍ଷ ୯୦ହଜାର ଟଙ୍କାର ଏକ ଅଟକଳ କରିଛି । ଏହି ଅଟକଳକୁ ଜାତୀୟ ରାଜପଥର ମୁଖ୍ୟଯନ୍ତ୍ରୀ ବୈଷୟିକ ଅନୁମୋଦନ ପ୍ରଦାନ କରିଥିବାବେଳେ କେନ୍ଦୁଝରଠାରେ ଥିବା ଭାରତ ସରକାରଙ୍କ ଜାତୀୟ ରାଜପଥ ପ୍ରାଧିକରଣ ବା ଏନଏଚଏଆଇର ପ୍ରକଳ୍ପ କାର୍ଯ୍ୟାଳୟରୁ ଭୁବନେଶ୍ୱରର ଜୟଦେବ ବିହାରର ପାଲ ହାଇଟସରେ ଥିବା ଆଂଚଳିକ ନିର୍ଦ୍ଦେଶକଙ୍କ ନିକଟକୁ ପଠାଯାଇଛି । ୧୦କିଲୋମିଟର ୭୨୦ମିଟରର ଏହି ରାସ୍ତାର ଅଟକଳ କରାଯାଇ ମୁଖ୍ୟରାସ୍ତା ନିର୍ମାଣ ପାଇଁ ୯କୋଟି ୨୦ଲକ୍ଷ ୨୯ହଜାର ୯୧୩ଟଙ୍କା ଖର୍ଚ୍ଚ ହେବ ବୋଲି ଅଟକଳ କରାଯାଇଛି । ରାସ୍ତା ପାର୍ଶ୍ୱରେ ଡ୍ରେନ ନିର୍ମାଣ ପାଇଁ ୮୫ଲକ୍ଷ ୨୬ହଜାର ୪୭୭ଟଙ୍କା ଓ ରାସ୍ତାରେ ବିଭିନ୍ନ ସୂଚନା,ସୁରକ୍ଷା କାର୍ଯ୍ୟ ପାଇଁ ୬୩ଲକ୍ଷ ୪୮ହଜାର ୮୫୪ଟଙ୍କା ବ୍ୟୟ ଅଟକଳ କରାଯାଇଛି । ଜିଏସଟି ଦେୟ ବାବଦକୁ ୧କୋଟି ୨୮ଲକ୍ଷ ୨୮ହଜାର ୬୨୯ଟଙ୍କା ଓ କାର୍ଯ୍ୟ ତଦାରଖ ବାବଦକୁ ୧କୋଟି ୧ଲକ୍ଷ ୫୫ହଜାର ୯୯୭ଟଙ୍କା ମୂଲ୍ୟ ରଖାଯାଇଛି । କେନ୍ଦୁଝର ଏନଏଚ୍‌ଏଆଇର ପତ୍ର ସଂଖ୍ୟା ୧୧୦୧୧ ତା ୧୯.୧.୨୦୨୨ରେ ଏହି ପ୍ରକଳ୍ପ ପାଇଁ ଆର୍ଥିକ ଅନୁମୋଦନ ଦେବାକୁ ଉଲ୍ଲେଖ କରାଯାଇଛି । ମୁଖ୍ୟରାସ୍ତାର ମଝିରେ ମଝିରେ ବଡ ବଡ ଗାତ ହୋଇଥିବାବେଳେ ଏହାକୁ ଠିକାସଂସ୍ଥା ମଣ୍ଟେକାର୍ଲୋ ପକ୍ଷରୁ ପଟହୋଲ ବା ସାମାନ୍ୟ ମରାମତି କରାଯାଇଛି। ଜନସାଧାରଣଙ୍କ ସ୍ୱାର୍ଥ ଦୃଷ୍ଟିରୁ ଏହି ରାସ୍ତା ଖୁବଶୀଘ୍ର ନିର୍ମାଣ କରିବାକୁ ଦାବୀ ହୋଇଛି ।

## ଘରେ ପଶି ଚୋରୀ କରୁଥିବା ସମୟରେ ଚୋର ଧରା ପଡିଲା

ଖୋର୍ଦ୍ଧା (ପିଏନ)-ବାଘମାରୀ ଥାନା ଅନ୍ତର୍ଗତ ବାମଡିହ ଗ୍ରାମର ପ୍ରକାଶ ବେହେରାଙ୍କ ଘରେ ପଶି ଚୋରୀ କରୁଥିବା ସମୟରେ ପରିବାର ସଦସ୍ୟଙ୍କ ନିଦରୁ ଉଠି ଅତର୍କିତ ଭାବରେ ଜଣକୁ କାବୁ କରିଥିବା ବେଳେ ଅନ୍ୟ ଜଣେ ପିତଳ ଗରା ନେଇ ପଳାଇ ଯାଇଥିଲା । ଏ ନେଇ ସ୍ଥାନୀୟ ଲୋକମାନେ ବହୁ ଖୋଜାଖୋଜି ପରେ ଅନ୍ୟ ଜଣକୁ ଧରି ଦୁଇଜଣଙ୍କୁ ପୋଲିସର ଜିମା ଦେଇଥିଲେ। ପୋଲିସ ଘଟଣା ସ୍ଥଳରେ ପହଂଚି ବେଗୁନିଆ ଗ୍ରାମର ସଂଗ୍ରାମ ଜୁଝାରସିଂହ ଓ ରେବତୀକାନ୍ତ ପଟ୍ଟନାୟକଙ୍କ ନାମରେ ଚୋରୀ କେସ ରୁଜୁ ଘିରଫ କରି କୋର୍ଟ ଚାଲାଣ କରିଛି।

## ୧୫ନମ୍ବର ଜିଲ୍ଲା ପରିଷଦ ଜୋନରେ ବିଜେଡି ପ୍ରାର୍ଥୀ ପ୍ରିୟଦର୍ଶିନୀ ତରାଇଙ୍କ ପ୍ରଚାର



କେନ୍ଦ୍ରାପଡ଼ା (ପିଏନ୍): କେନ୍ଦ୍ରାପଡା ବିଧାନସଭା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ୧୫ନମ୍ବର ଜିଲ୍ଲା ପରିଷଦ ଜୋନରେ ବିଜୁ ଜନତାଦଳର ପ୍ରାର୍ଥୀ ହୋଇଥିବା ପ୍ରିୟଦର୍ଶିନୀ ତରାଇ ତାଙ୍କ ନିର୍ବାଚନୀ ପ୍ରଚାର କାର୍ଯ୍ୟ ଆରମ୍ଭ କରିଛନ୍ତି। ଶ୍ରୀମତୀ ତରାଇ ସେହି ଜୋନ ଅନ୍ତର୍ଗତ ତରଡିପାଳ, ଦାଣ୍ଡିସାହି, ପେଣ୍ଠପାଳ, ଅଣ୍ଡରା, ଅମୃତମଣୋହୀ, ଅଳପୁଆ, ବଲୁରିଆ, ସିଂହଗାଁ, ନିଳକଣ୍ଠପୁର, ବାଲିପାଟଣା ଓ ବାଛରା ପଞ୍ଚାୟତର ଗ୍ରାମଗୁଡିକରେ ଘରକୁ ଘର ବୁଲି ଭୋଟରମାନଙ୍କୁ ଭେଟି ନିର୍ବାଚନ ପ୍ରଚାର ଆରମ୍ଭ କରିଛନ୍ତି। ଗତ ୨୦୧୭ ମସିହାରେ ସେ ତରଡିପାଳ ପଞ୍ଚାୟତର ସରପଞ୍ଚ ଭାବେ ନିର୍ବାଚିତ ହୋଇ ଲୋକମାନଙ୍କ ପାଇଁ ବହୁ ଜନହିତକର କାର୍ଯ୍ୟ କରିଛନ୍ତି। ସରପଞ୍ଚ ବେଳେ ଯେଉଁ ବିକାଶ ମୂଳକ କାର୍ଯ୍ୟ ସେ କରିଥିଲେ ଏବେ ଜିଲ୍ଲା ପରିଷଦ ପ୍ରାର୍ଥୀ ଭାବେ ତାହାକୁ ଆୟୁଧ କରି ସେ ଭୋଟରଙ୍କ ପାଖକୁ ଯାଇ ଭୋଟ ଭିକ୍ଷା କରୁଛନ୍ତି। ସେ କହିଛନ୍ତି ଯେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ମଳ ଭାବମୂର୍ତ୍ତି ଓ କେନ୍ଦ୍ରାପଡା ବିଧାୟକ ଶଶିଭୂଷଣ ବେହେରାଙ୍କ ବିକାଶମୂଳକ କାର୍ଯ୍ୟ ତାଙ୍କ ନିର୍ବାଚନ ପ୍ରଚାରର ମୁଖ୍ୟ ଅସ୍ତ୍ର ହୋଇଛି।

## ଟେଣ୍ଟ୍ ହାଉସ୍ ଜଳିଗଲା

ଧର୍ମଶାଳା (ପିଏନ୍): ଧର୍ମଶାଳା ତହସିଲ ଅନ୍ତର୍ଗତ କଣ୍ଟିଗଡ଼ିଆ ଗ୍ରାମର ପ୍ରଶା' କୁମାର ରାଉତଙ୍କ ଟେଣ୍ଟ୍ ହାଉସ୍ ଗତକାଲି ସକାଳ ସାଢ଼େ ୬ଟାରେ ଜଳିଯାଇଛି । ଅଗ୍ନିକାଣ୍ଡର ପ୍ରକୃତ କାରଣ ଜଣା ପଡ଼ିନଥିଲେ ମଧ୍ୟ ବିଦ୍ୟୁତ୍ ସଟ୍ ସର୍କଟ୍‌ରୁ ଉକ୍ତ ଘରେ ନିଆଁ ଲାଗିଯାଇଥିବା ସନ୍ଦେହ କରାଯାଉଛି । ଏଥିରେ ଲକ୍ଷାଧିକ ଟଙ୍କା ମୂଲ୍ୟର ପ୍ଲାଷ୍ଟିକ୍ ଚେୟାର୍, ଡାଇନିଂ ଟେବୁଲ୍, ସାଉଣ୍ଡ ବକ୍ସ, କପଡ଼ା ଆଦି ବିଭିନ୍ନ ସାମଗ୍ରୀ ନଷ୍ଟ ହୋଇଯାଇଛି । ଖବରପାଇ ଚଣ୍ଡିଖୋଲ ଦମକଳ ବାହିନୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ କରିଥିଲା । କ୍ଷତିଗ୍ରସ୍ତ ଟେଣ୍ଟ୍ ହାଉସ୍ ବ୍ୟବସାୟୀଙ୍କୁ ସରକାରୀ ସହାୟତା ଯୋଗାଇ ଦେବାପାଇଁ ସମାଜସେବୀ ଅଭିମନ୍ୟୁ ଧଳ ପ୍ରଶାସନକୁ ଅନୁରୋଧ କରିଛନ୍ତି ।

ସଂ ଗଚ୍ଛଧ୍ୱଂ ସଂ ବଦଧ୍ୱଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍ ।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି ।।
ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ...
ଋଗ୍ ବେଦ ୧୦/୧୯୧-୨-୪

ପର୍ଯ୍ୟବେକ୍ଷକ ସମ୍ପାଦକୀୟ

**ଭୁବନେଶ୍ୱର, ୨୦୨୨, ଫେବୃଆରୀ ୧୬**

# ବୃକ୍ଷ ହିଁ ଜୀବନ, ଅନ୍ୟଥା ମରଣ !



**ବୃ**କ୍ଷ ହିଁ ଜୀବନ,ଏହି ସ୍ଲୋଗାନ ସବୁବେଳେ ଦିଆଚାଲିଛି। ଜୀବନ-ଧାରଣ ନିମନ୍ତେ, ବୃକ୍ଷର ଗୁରୁତ୍ୱ ଆବାଳବୃଦ୍ଧବନିତା, ସମସ୍ତେ ଜାଣନ୍ତି। ସରକାର, ପରିବେଶବିତ୍, ସ୍ୱେଚ୍ଛାସେବୀ ଅନୁଷ୍ଠାନ ସମସ୍ତେ ବନୀକରଣ, ବନ ମହୋତ୍ସବ ସପ୍ତାହ ପାଳନ ଦ୍ୱାରା ସଚେତନତା ସୃଷ୍ଟି ସହିତ, ନୂତନ ବୃକ୍ଷରୋପଣ ନିମନ୍ତେ କୋଟି କୋଟି ଟଙ୍କା ଅର୍ଥ ବ୍ୟୟ କରୁଛନ୍ତି। କିନ୍ତୁ ଫଳ କ'ଣ ହେଉଛି ? ଉଦ୍ଭିଦ ବିଜ୍ଞାନୀମାନଙ୍କ ମତାନୁଯାୟୀ,ଲୋକସଂଖ୍ୟା ଅନୁପାତରେ ଯେତିକି ଜଙ୍ଗଲ ରହିବା କଥା, ଆମ ଦେଶରେ ତାହା ଅଛି କି? ବଡ ବଡ ସହର ନଗରମାନଙ୍କରେ ବାୟୁ ପ୍ରଦୂଷଣ ମାତ୍ରା, ଏତେ ଅଧିକ ହୋଇଯାଇଛି ଯେ, ସେଠାରେ ବିଶୁଦ୍ଧ ବାୟୁ ବିକ୍ରୟ ଆରମ୍ଭ ହୋଇଯାଇଛି। ଆସନ୍ତା କିଛିବର୍ଷ ମଧ୍ୟରେ ଏହି ସମସ୍ୟା ଗ୍ରାମାଂଚଳରେ ମଧ୍ୟ ପରିଲକ୍ଷିତ ହେବା ସୁନିଶ୍ଚିତ। ସମୟ ଆସିବ ଦିନେ ନା ଦିନେ, ମନୁଷ୍ୟ ସମାଜ, ପ୍ରକୃତିର ସର୍ବଶ୍ରେଷ୍ଠ ଦାନ, ବିଶୁଦ୍ଧ ବାୟୁ ଏବଂ ଜଳ ବ୍ୟତିରେକେ ଧ୍ୱଂସାଭିମୁଖୀ ହେବ, ଏହା ସ୍ପଷ୍ଟ ଦୃଶ୍ୟମାନ। ଜଙ୍ଗଲ କ୍ଷୟ ହେବାର ଅନେକ କାରଣ ମଧ୍ୟରୁ ତିନୋଟି ମୁଖ୍ୟ କାରଣ ହେଲା, ଜନବସତି ନିର୍ମାଣ, ପରିବହନ ନିମନ୍ତେ ରାସ୍ତାଘାଟ ନିର୍ମାଣ ଏବଂ ଆଧୁନିକ ଜୀବନଶୈଳୀର ଆବଶ୍ୟକତା ପରିପୂରଣ ନିମନ୍ତେ ଦ୍ରୁତ ଶିଳ୍ପାୟନ, ଯାହାକି ଆମ ନିୟନ୍ତ୍ରଣାଧୀନ ବୋଲି ଅସମ୍ଭବ ମନେହୁଏ। ଏହି କାରଣ ସୃଷ୍ଟି ହେବାର ମୂଳ ବା ମୁଖ୍ୟ କାରଣ ହେଉଛି ଜନସଂଖ୍ୟା ବିସ୍ଫୋରଣ। ଭୌଗୋଳିକ ଏବଂ ଉଦ୍ଭିଦବିଜ୍ଞାନୀମାନଙ୍କ ଗବେଷଣାଲବ୍ଧ ତଥ୍ୟ ହେଉଛି, ପୃଥିବୀପୃଷ୍ଠରେ ମନୁଷ୍ୟ ସୃଷ୍ଟି ହେବାର ବହୁ ପୂର୍ବରୁ, ବୃକ୍ଷଲତାର ସୃଷ୍ଟି। ମନୁଷ୍ୟ ସୃଷ୍ଟି ହେବା ପରେ ସେ ତା'ର ମୌଳିକ ଆବଶ୍ୟକତା ଯଥା: ଖାଦ୍ୟ, ବସ୍ତ୍ର, ବାସଗୃହ ନିମନ୍ତେ, ସଂପୂର୍ଣ୍ଣ ଭାବରେ ଜଙ୍ଗଲ ଉପରେ ନିର୍ଭରଶୀଳ ଥିଲା। ଜଙ୍ଗଲର ଫଳମୂଳ ଥିଲା ତା'ର ଖାଦ୍ୟ, ଗଛର ପତ୍ର ଓ ବଲ୍‌କଳ ଥିଲା ତା'ର ବସ୍ତ୍ର ଏବଂ ଗଛର କୋରଡ ଥିଲା ତା'ର ବାସଗୃହ। ଏତଦ୍‌ବ୍ୟତୀତ ଅସୁସ୍ଥତା ଅନୁଭବ କଲେ, ବିଭିନ୍ନ ବୃକ୍ଷର ପତ୍ର ଓ ଚେରମୂଳି ବ୍ୟବହାର କରି ଆରୋଗ୍ୟ ଲାଭ କରୁଥିଲା। କାଳକ୍ରମେ ଅଗ୍ନିର ବ୍ୟବହାର ଓ ଚାଷକାର୍ଯ୍ୟ ଶିଖିବା ପରେ, ସେ ଯାଯାବର ଜୀବନରୁ ସ୍ଥାୟୀ ଜୀବନଯାପନ ଆରମ୍ଭ କଲା ଓ ତା'ର ଜଙ୍ଗଲ ନିର୍ଭରଶୀଳତା ହ୍ରାସ ପାଇଲା। କିନ୍ତୁ ଜାଳେଣୀ ଓ ଔଷଧ ପାଇଁ ବରାବର ଜଙ୍ଗଲ ଉପରେ ନିର୍ଭର କରୁଥିଲା। କାଳକ୍ରମେ ଜନସଂଖ୍ୟା ବୃଦ୍ଧି ଯୋଗୁ, ଜନବସତି ସ୍ଥାପନ ତଥା କୃଷିକ୍ଷେତ୍ର ନିର୍ମାଣ ନିମନ୍ତେ ଧୀରେ ଧୀରେ ବୃକ୍ଷ ଛେଦନ କାର୍ଯ୍ୟ ଆରମ୍ଭ ହୋଇଗଲା। କ୍ରମେ କ୍ରମେ ଏହି ପ୍ରକ୍ରିୟା ବୃଦ୍ଧିପ୍ରାପ୍ତ ହୋଇ ମନୁଷ୍ୟ ସମାଜକୁ ଏକ ଭୟଙ୍କର ବିପଜ୍ଜନକ ପରିସ୍ଥିତିରେ ପକାଇଦେଇଛି। ପୃଥିବୀପୃଷ୍ଠରେ ମନୁଷ୍ୟର ଜୀବନଧାରଣ ନିମନ୍ତେ, ପ୍ରକୃତିର ଅଦ୍ଭୁତ ବରଦାନ ହେଉଛି ବୃକ୍ଷ। ଅରଣ୍ୟର ବୃକ୍ଷରାଜି ହେଉଛି ଏକ ପ୍ରାକୃତିକ ଜାତୀୟ ସମ୍ପଦ। କେନ୍ଦୁପତ୍ର, ଶାଳପତ୍ର, ଝୁଣା, ଲାଖ ଇତ୍ୟାଦି ଅର୍ଥକାରୀ ସାମଗ୍ରୀ ସାଙ୍ଗକୁ ଔଷଧୀୟ ବୃକ୍ଷଲତା ତଥା ସର୍ବୋପରି ମନୁଷ୍ୟର ଜୀବନଧାରଣ ନିମନ୍ତେ ଅମ୍ଳଜାନ ଯୋଗାଣ ହେଉଛି, ପ୍ରକୃତିର, ବୃକ୍ଷ ମାଧ୍ୟମରେ, ମନୁଷ୍ୟ ସମାଜକୁ ଶ୍ରେଷ୍ଠ ଦାନ। ବୃକ୍ଷ ବିନା ଜୀବନ ନାହିଁ। ଏହି ଅକାଟ୍ୟ ସତ୍ୟକୁ ହୃଦୟଙ୍ଗମ କରି, ଆସନ୍ତୁ ବୃକ୍ଷରୋପଣ କରିବା। ବର୍ଷାଦିନ ଆରମ୍ଭ ହୋଇଗଲା। ଆଉ ଅପେକ୍ଷା କାହିଁକି? ଆବାଳବୃଦ୍ଧବନିତା, ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ, ସରକାରୀ, ବେସରକାରୀ ସଂସ୍ଥା ଓ ଯୁବକ ସମାଜ ଆଗେଇ ଆସନ୍ତୁ। ନିଜକୁ ଏବଂ ଦ୍ରୁତଗତିରେ ଧ୍ୱଂସ ଅଭିମୁଖରେ ଧାବମାନ ଏ ସୁନ୍ଦର ପୃଥିବୀକୁ ରକ୍ଷାକରିବା ପାଇଁ, ସମସ୍ତେ ଏକତ୍ରିତ ହୁଅନ୍ତୁ। ନିଜର ବାଡି ବଗିଚା ସହିତ, ପତିତ ଅନାବାଦୀ ଜମି ଏବଂ ରାସ୍ତାକଡରେ ବୃକ୍ଷରୋପଣ କରନ୍ତୁ। ଆସନ୍ତୁ, କେବଳ ଜୁଲାଇ ମାସର ପ୍ରଥମ ସପ୍ତାହକୁ ବନମହୋତ୍ସବ ରୂପେ ନ ପାଳି, ସାରା ବର୍ଷାଦିନକୁ ବନମହୋତ୍ସବ ରୂପେ ପାଳିବା। ନଡିଆ, ଆମ୍ବ, ପଣସ, ଗୁଆ, ତାଳ, କଦମ୍ବ, ବଉଳ, ବର, ଓସ୍ତଠାରୁ ଆରମ୍ଭ କରି ନିମ୍ବ ପର୍ଯ୍ୟନ୍ତ ହାତରେ ଯେଉଁ ମଞ୍ଜି ପଡିଲା, ତାକୁ ଲଗାଇ ଚାଲନ୍ତୁ। ଯୁବବନ୍ଧୁମାନଙ୍କ ପାଇଁ ଏକ ବଡ ଆହ୍ୱାନ। ମୋବାଇଲ ଚାର୍ଟିଙ୍ଗରେ ନିଜର ବହୁମୂଲ୍ୟ ସମୟକୁ ଅଯଥା ନଷ୍ଟ ନକରି, ନିଜ ଭବିଷ୍ୟତ, ନିଜ ବଂଶଧରମାନଙ୍କ ଭବିଷ୍ୟତ ତଥା ଧ୍ୱଂସାଭିମୁଖୀ ଏ ପୃଥିବୀର ଭବିଷ୍ୟତକୁ ଲକ୍ଷ୍ୟ କରି, ବୃକ୍ଷରୋପଣ ପରି ମହତ ପୁଣ୍ୟ କାର୍ଯ୍ୟରେ ନିଜକୁ ସାମିଲ କରନ୍ତୁ। ପ୍ରଚାର ପ୍ରସାରର ମୋହ ତ୍ୟାଗ କରି, ଗଛ ଲଗାଇ ତାକୁ ସୁରକ୍ଷା ପ୍ରଦାନ କରି, କେଉଁ ପ୍ରକାର ସ୍ୱର୍ଗୀୟ ଆନନ୍ଦ ପ୍ରାପ୍ତି ହେଉଛି, ତାହାକୁ ଉପଭୋଗ କରନ୍ତୁ। ଏ ଭୟଙ୍କର କୋଭିଡ ମହାମାରୀରୁ କିଛି ଅନୁଭୂତି ସଂଗ୍ରହ କରନ୍ତୁ, ପ୍ରଦୂଷିତ ବାୟୁସେବନର ଭୟାବହତାକୁ ଅନୁଭବ କରନ୍ତୁ, ବିଶୁଦ୍ଧ ବାୟୁ କ୍ରୟ କରିବା ଦୃଶ୍ୟକୁ ମାନସଚକ୍ଷୁରେ ଦର୍ଶନ କରନ୍ତୁ, ତା'ପରେ ଫେରି ଆସନ୍ତୁ ବାସ୍ତବତାକୁ। ସରକାରୀ ସ୍ତରରେ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ କରାଯାଇ, ପ୍ରତ୍ୟେକ ବର୍ଷ ବନୀକରଣ କାର୍ଯ୍ୟ କରାଯାଉଛି, କିନ୍ତୁ ସୁରକ୍ଷା ଅଭାବରୁ, ତାହା ନଷ୍ଟ ହୋଇଯାଉଛି। ଆବାଳବୃଦ୍ଧବନିତା ସମସ୍ତଙ୍କ ମାନସିକତାରେ, ସବୁଜ ବନାନୀ ସୃଷ୍ଟିର ବୈପ୍ଳବିକ ବୀଜ ବପନ କରିଦେବାର ସମୟ ଉପସ୍ଥିତ। ଆସନ୍ତୁ, କଥାରେ ନୁହେଁ କାମରେ, ଉଚ୍ଚାରଣରେ ନୁହେଁ, ଆଚରଣରେ ପ୍ରଦର୍ଶିତ କରିବା ଆମର ଶକ୍ତି, ନିଜକୁ ତଥା ଏ ପୃଥିବୀକୁ ଆସନ୍ନ ଧ୍ୱଂସମୁଖରୁ ରକ୍ଷାକରିବା ପାଇଁ।

**ପ୍ରଦୀପ୍ତ ଆଚାର୍ଯ୍ୟ,** ଶିକ୍ଷାବିତ୍, ଈଶାଣୀବ୍ରହ୍ମପୁର, କଟକ। ମୋ-୬୩୭୧୫୯୩୨୨୦

## ଆଜିର ଅନୁଚିନ୍ତା

**ମୂଢ଼ ମନକୁ ଦୃଢ଼ କରି ଗୂଢ଼ ମହାମନ୍ତ୍ରକୁ ଜପ କର ।**

*ପାଠକୀୟ ମତାମତ ଓ ପରାମର୍ଶ 'ପର୍ଯ୍ୟବେକ୍ଷକ' ସମ୍ପାଦକଙ୍କ ପାଇଁ ବେଶ୍ ମହତ୍ତ୍ୱପୂର୍ଣ୍ଣ। ତା' ବ୍ୟତୀତ ଆପଣଙ୍କ ଅଞ୍ଚଳର ବିକାଶ କ୍ଷେତ୍ରରେ ଥିବା ସମସ୍ୟା, ଆପଣମାନଙ୍କ ଅଭିଯୋଗ, ଆଶଙ୍କା ଓ ଉଦ୍‌ବେଗ ଆଦି ବିଷୟରେ ଜାଣିବାକୁ ଆମେ ଉଦ୍‌ଗ୍ରୀବ। ଇ-ମେଲ୍ କିମ୍ବା ଫାକ୍ସ ଜରିଆରେ ଆପଣମାନେ ସିଧାସଳଖ ସମ୍ପାଦକଙ୍କ ସହ ଯୋଗାଯୋଗ କରିପାରିବେ।*

**E-mail: editorpbkc@gmail.com**
**9853400829 (M), Fax: 0674-2550504**

# ଲୋକତନ୍ତ୍ରରେ ଦଳୀୟ ନିର୍ବାଚନ

**ରା**ଜତନ୍ତ୍ରିକ ବିଚାରଧାରାରେ ଲୋକତାନ୍ତ୍ରିକ ପ୍ରଦର୍ଶିତ ଲିପି ମାଧ୍ୟମରେ ପ୍ରଚଳିତ ବ୍ୟବସ୍ଥାକୁ ଗଣତନ୍ତ୍ରର ପ୍ରହେଳିକା ସୃଷ୍ଟି କରି ଦଳୀୟ ନିର୍ବାଚନ ହୁଏ ଆମ ଦେଶରେ, ଯାହା ଇଂରେଜ ଆଇନସମ୍ମତ ମାତ୍ର! ଇଂରେଜମାନଙ୍କଠାରୁ ସ୍ୱାଧୀନତା ପରଠାରୁ ଭାରତୀୟ ସାଂସ୍କୃତିକ ବିଚାରଧାରା ଉପରେ ଆଧାରିତ କୌଣସି ବ୍ୟବସ୍ଥା ନାହିଁ ଆମ ଦେଶରେ!

ସାଧାରଣ ଜନତାଙ୍କ ମଧ୍ୟରୁ ଜଣେ ଜ୍ଞାନୀ, ନିଃସ୍ୱାର୍ଥପର, ସମାଜସେବକଙ୍କୁ ସାମାଜିକ ପରିଚାଳନା ଦାୟିତ୍ୱ ଦିଆଯିବା ବ୍ୟବସ୍ଥାକୁ ଲୋକତନ୍ତ୍ର ବୋଲି କୁହାଯାଇପାରିବ। ସମ୍ପୃକ୍ତ ବ୍ୟକ୍ତି କୌଣସି ଦଳଗତ, ସମ୍ପ୍ରଦାୟିକ ସଦସ୍ୟ ହୋଇ ନ ଥିବା ନିତାନ୍ତ ଆବଶ୍ୟକ। କାରଣ ଦଳୀୟ କିମ୍ବା ସାମ୍ପ୍ରଦାୟିକ ବିଚାରଧାରାସମ୍ମତ ମଣିଷ ନିରପେକ୍ଷ ନୀତି, ବିଚାର ପ୍ରବାହ କରିବା ଅସମ୍ଭବ। ସେହିଭଳି ମଣିଷ ସବୁବେଳେ ନିଜ ଦଳ ଅଥବା ସମ୍ପ୍ରଦାୟ ପ୍ରତି ଦୁର୍ବଳତା ରଖିବା ସୁନିଶ୍ଚିତ, ଯେଉଁଠି ସାମ୍ୟବାଦ ବିଚାର ସୃଷ୍ଟି ହେବା ସମ୍ଭାବନ ଆଦୌ ରହିବ ନାହିଁ। ସାମ୍ୟବାଦ ବିଚାରଧାରାରହିତ ପରିଚାଳକଙ୍କୁ ଲୋକତନ୍ତ୍ରର ସେବକ ବୋଲି କହିବା ବାହୁଲ୍ୟ ମାତ୍ର; ଯେଉଁଥିରେ କୌଣସି ସତ୍ୟତା ନଥାଏ। ଜଣେ ମଣିଷକୁ ସାଧାରଣ ଲୋକେ କେମିତି ଜାଣନ୍ତି ଯେ ତାଙ୍କୁ ନିଜର ବ୍ୟବସ୍ଥା ପରିଚାଳନା ଦାୟିତ୍ୱ ଦେବେ ସେଥିନେଇ ନିର୍ବାଚନୀ ପ୍ରତିଯୋଗିତା ନୁହେଁ; ବରଂ ଚୟନ କରି ଅବସ୍ଥାପିତ କରାଯିବା ପଦ୍ଧତିକୁ ଲୋକତାନ୍ତ୍ରିକ ପଦ୍ଧତି ବୋଲି କୁହାଯାଇପାରିବ। କିନ୍ତୁ କୌଣସି ଗୋଷ୍ଠୀ କିମ୍ବା ସମ୍ପ୍ରଦାୟ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତାମୂଳକ ନିର୍ବାଚନ ମାଧ୍ୟମରେ ଶାସକ ପ୍ରାର୍ଥୀ ମନୋନିତ କରାଯିବା ତଥା ସାଧାରଣ ଲୋକଙ୍କ ବହୁମତ ଯୋଗାଡ଼ କରି ନିର୍ବାଚନ ମାଧ୍ୟମରେ ଶାସନ କ୍ଷମତାଧାରୀ ମଣିଷ ନିଯୁକ୍ତ କରାଯିବା କୌଣସିମତେ ଗୋଟିଏ ନିରପେକ୍ଷ ଶାସନ ବ୍ୟବସ୍ଥାର ନିଦର୍ଶନ ନୁହେଁ। କାରଣ ଦଳଗତ ଚେତନାକୁ ଶିରୋଧାର୍ଯ୍ୟ କରି ଦଳର ମୁଖିଆଙ୍କ ନିର୍ଦ୍ଦେଶରେ ପରିଚାଳିତ ସମ୍ପୃକ୍ତ ଜନସେବକ ଯେ ନିରପେକ୍ଷ ଭାବ ପ୍ରବାହ କରିବା ସମ୍ପୂର୍ଣ୍ଣ ଅସମ୍ଭବ। ତେଣୁ ନିର୍ବାଚନ କରି ଲୋକପ୍ରତିନିଧି ଚୟନ କରାଯିବା ସମୟରେ ଜଣେ ନିର୍ଦ୍ଦଳୀୟ ପ୍ରାର୍ଥୀଙ୍କୁ ଚୟନ କରାଯିବା ସମ୍ପୃକ୍ତ ସାଧାରଣ ଲୋକଙ୍କ ପାଇଁ ନିଶ୍ଚିତ ସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି କରିବାରେ ସାହାଯ୍ୟ କରିବ, ଯାହା କୌଣସି ଦଳୀୟ ପ୍ରାର୍ଥୀ କରିପାରିବେ ନାହିଁ। ନିର୍ଦ୍ଦଳୀୟ ଅଣସାମ୍ପ୍ରଦାୟିକ ପ୍ରାର୍ଥୀ ଚୟନ କରାଯିବା ପୂର୍ବରୁ ସମ୍ପୃକ୍ତ ଲୋକଟିର ବିଚାରଧାରା ତଥା ସାମାଜିକ ଜ୍ଞାନ ଏବଂ ନିଃସ୍ୱାର୍ଥପରତା ଉପରେ ବିଶେଷ ଆଲୋକପାତ କରି ଚୟନ କରାଯିବା ନିତାନ୍ତ ଆବଶ୍ୟକ। ଉପସ୍ଥିତ ସମୟରେ ଏମିତି ମଧ୍ୟ କେତେକ ସ୍ଥାନରେ ଦେଖିବାକୁ ମିଳୁଛି ଯେ ଜଣେ ନିର୍ଦ୍ଦଳୀୟ ପ୍ରାର୍ଥୀ ନିର୍ବାଚନ ଜିତିବା ପରେ କୌଣସି ଏକ ଦଳରେ ସାମିଲ ହୋଇ ଲୋକଙ୍କୁ ଭୁଆଁ ବୁଲାଉଛନ୍ତି। ସେହିଭଳି ଲୋକଟି ନିଶ୍ଚିତ ଭାବେ କୌଣସି ଏକ ଗୋଷ୍ଠୀ ଅନ୍ତର୍ଗତ ରହି ପରବର୍ତ୍ତୀ ସମୟରେ ସେହି ଗୋଷ୍ଠୀରୁ ବହିଷ୍କୃତ ହୋଇ ଅନ୍ୟ ଏକ ଗୋଷ୍ଠୀ ସହିତ ସଲାସୁତୁରା କରିଥା'ନ୍ତି। ସେହିଭଳି ନିର୍ଦ୍ଦଳୀୟ ମଣିଷଟି କୌଣସି ଦଳୀୟ ମଣିଷଠାରୁ ଆହୁରି ଅଧିକ କ୍ଷତିକାରକ ହୋଇଥା'ନ୍ତି ସମାଜ ପ୍ରତି! କାରଣ ସମ୍ପୃକ୍ତ ଲୋକଟିର କୌଣସି ଏକ ଦୁର୍ବଳତା ହେତୁ ସମ୍ପୃକ୍ତ ଗୋଷ୍ଠୀଠାରୁ ବହିଷ୍କୃତ ହୋଇଥିବା ଆଶଙ୍କା ଯଥେଷ୍ଟ ଅଧିକ! କିନ୍ତୁ ଆଉ କେତେବେଳେ ଜଣେ ସଚ୍ଚୋଟ ମଣିଷ ମଧ୍ୟ କୌଣସି କେଳେଙ୍କାରୀ ଗୋଷ୍ଠୀର ଅସାମାଜିକ ବିଚାରଧାରାରେ କ୍ଷୁବ୍ଧ ହୋଇ ଦଳ ତ୍ୟାଗ କରିଥିବା ଦେଖିବାକୁ ମିଳେ। ତେଣୁ ନିର୍ଦ୍ଦଳୀୟ ପ୍ରାର୍ଥୀଙ୍କ ବାସ୍ତବ ରୂପକୁ ପରଖି ଚୟନ କରାଗଲେ ଉପଯୁକ୍ତ ସାମାଜିକ ମଙ୍ଗଳ ହୋଇପାରିବ।



କଥାରେ ଅଛି ଗରଜିଲା ମେଘ ବରଷେ ନାହିଁ, ଭୁକିଲା କୁକୁର କାମୁଡେ ନାହିଁ! ଅର୍ଥାତ ଯିଏ କୁହେ ସିଏ କରେନାହିଁ, ଯିଏ କରିବ ସିଏ କୁହେନାହିଁ! ଏହି ଉକ୍ତିଟି ଉପରେ ଆଧାର କରି ନିଜସ୍ୱ ଚେତନା ସୃଷ୍ଟି ନକରି ସମୟସାପେକ୍ଷ କୁହେଳିକାରେ ବିଶ୍ୱାସ କରି ଲୋକପ୍ରତିନିଧି ଚୟନ କରାଯିବା ଗଣତାନ୍ତ୍ରିକ ବ୍ୟବସ୍ଥାର ନୀତି ଅନ୍ତର୍ଗତ ବୋଲି କହିବା ମିଥ୍ୟା ଉପଚାର ମାତ୍ର। ନିର୍ଦ୍ଦଳୀୟ ବିଚାରଜଡିତ ସାମାଜିକ ଜ୍ଞାନ ତଥା ସେବା ମନୋବୃତ୍ତି ରହିଥିବା ମଣିଷଙ୍କୁ ସାଧାରଣ ଲୋକଙ୍କ ଦ୍ୱାରା ଚୟନ କରାଯାଇ ପ୍ରସ୍ତାବ ଉପସ୍ଥାପନ କରି ଲୋକପ୍ରତିନିଧି ଭାବେ ଅବସ୍ଥାପିତ କରାଗଲେ ରାଷ୍ଟ୍ର ସାମ୍ୟବାଦମୁଖୀ ହେବା ସମ୍ଭାବନା ରହିବ। ସମାଜରେ ଏମିତି ଅନେକ ସଚ୍ଚୋଟ, ନିଃସ୍ୱାର୍ଥପର, ଦେଶପ୍ରେମୀ ମଣିଷ ଅଛନ୍ତି, ଯାହାଙ୍କ ପରିଚୟ ନାହିଁ ସାଧାରଣ ଲୋକଙ୍କ ପାଖରେ। କିନ୍ତୁ ଏମିତି ନୁହେଁ କି ସେମାନଙ୍କୁ ଖୋଜି ବାହାର କରି ହେବନାହିଁ। କିନ୍ତୁ ସାଧାରଣ ଲୋକଙ୍କ ଇଚ୍ଛାଶକ୍ତିର ଯଥେଷ୍ଟ ଆବଶ୍ୟକତା ରହିଛି ସେହିଭଳି ଲୋକଙ୍କୁ ଖୋଜି ବାହାର କରି ସାମାଜିକ ଦାୟିତ୍ୱ ଦେବାପାଇଁ, ଯାହା କେହି ଭାବନ୍ତି ନାହିଁ। ଉପସ୍ଥିତ ସମୟର ପ୍ରହେଳିକାରେ ନିଜକୁ ସମାନ୍ତରାଳ କରି ଚାଲିବା ଆମ ଦେଶ ଲୋକଙ୍କ ଏକ ଶୈକ୍ଷିକ ଚରିତ୍ର! ଦଳୀୟ ଚେହେରାଗୁଡିକୁ ପରିଚିତ ମୁହଁ ଦେଖି ଏବଂ ସେମାନଙ୍କଠାରୁ କ'ଣ ସ୍ୱାର୍ଥ ହାସଲ କରିହେବ ବିଚାର କରି ଭୋଟ ଦେଇଥା'ନ୍ତି ଆମ ଲୋକେ। ସେଇଥିରେ ସେମାନଙ୍କ କେବଳ ବ୍ୟକ୍ତିଗତ ଭାବନା ଜଡିତ ରହିଥାଏ, ଯାହା ସାମୂହିକ ଉନ୍ନତି ଦିଗରେ ଆଦୌ ସହାୟକ ହୋଇ ନ ଥାଏ। କେବଳ ପରିଚିତ ଚେହେରାକୁ ଦେଖି ଭୋଟ ଦିଆଯିବା ନିର୍ବୋଧତା ଛଡା ଆଉ କିଛି ନୁହେଁ! କେତେକ ସାମ୍ୟବାଦୀ ମଣିଷଙ୍କ ଅପରିଚିତ ସନ୍ନିଧାନ ମଧ୍ୟରେ ଲୋକହିତକର କାର୍ଯ୍ୟ କରାଯିବା ସମ୍ଭାବନା ଯଥେଷ୍ଟ ସୁଦୃଢ଼ ହୋଇପାରିବ! କିନ୍ତୁ ଗୋଷ୍ଠୀଗତ ସଦସ୍ୟଙ୍କ ମନୋମୁଖୀ ଚିନ୍ତାଧାରା ରହିବା ଅତ୍ୟନ୍ତ ସମ୍ଭବ! କାରଣ ସେମାନଙ୍କ ମଧ୍ୟରେ ସଲାସୁତୁରା ହୋଇ ସମସ୍ତଙ୍କ ସ୍ୱାର୍ଥକୁ ଆଖିଆଗରେ ରଖି କାର୍ଯ୍ୟ କରାଯିବା କୌଣସି ଅସମ୍ଭବ ନୁହେଁ। କିନ୍ତୁ ସାନ୍ନିଧାନିକ ଲୋକପ୍ରତିନିଧି ସମୂହଙ୍କ ମଧ୍ୟରେ ପୂର୍ବରୁ କୌଣସି ସମ୍ପର୍କ ନଥାଇ ଏକ ନୂତନ ସଦସ୍ୟ ଗୋଷ୍ଠୀଙ୍କ ଦ୍ୱାରା ସାମାଜିକ ବ୍ୟଭିଚାର କରାଯିବା ସମ୍ଭାବନା ଯଥେଷ୍ଟ କମ୍ ହେବ ତୁଳନାତ୍ମକ ଏକ ସମ୍ପର୍କିତ ଗୋଷ୍ଠୀବଦ୍ଧ ଦଳ। ତେଣୁ ପ୍ରତ୍ୟେକ ସମୟରେ ସାଧାରଣ ମଣିଷଗୁଡିକ ସଚେତନ ରହି ନିର୍ବିକାର ନିରୋଳା ମଣିଷଙ୍କୁ ସାମାଜିକ ଦାୟିତ୍ୱ ଦେବା ବିଚାର ରଖିଲେ ଦେଶର ପ୍ରଗତି ସୁନିଶ୍ଚିତ ହେବ।

ଗୋଷ୍ଠୀଗତ ବିଚାରରେ କେତେକ ପାରିବା ମଣିଷ ଏକତ୍ରିତ ହୋଇ ସାମାଜିକ କାର୍ଯ୍ୟ କରିବା ତଥା ଲୋକଙ୍କ ମଙ୍ଗଳ କରିବା ପ୍ରବଚନ ବାଢ଼ି ନିର୍ବାଚନ ଜିତିବା ପରେ ଯେଉଁ କାର୍ଯ୍ୟ କରୁଛନ୍ତି, ତାହା ସମସ୍ତେ ଜାଣନ୍ତି। ଯେକୌଣସି ଉପାୟରେ ଲୋକଙ୍କ ମନକୁ ଜିତି ସମାଜରେ ନିଜର ପ୍ରାଧାନ୍ୟତା ବିସ୍ତାର ଦିଗରେ ଅନେକ କୁକର୍ମ କରିବା ପାଇଁ ମଧ୍ୟ ପଛାଇ ନ ଥା'ନ୍ତି କେତେକ ଗୋଷ୍ଠୀ। ଏମିତିକି ଭୟାବହ ପରିସ୍ଥିତି ସୃଷ୍ଟି କରି ନିର୍ବାଚନ ଜିତିବା ଆଶା ରଖୁଥିବା ଗୋଷ୍ଠୀଗତ ବିଚାର ବିଷୟରେ କାହାକୁ ଅଗୋଚର?! ବିଭିନ୍ନ ସ୍ତରର ମଣିଷ ଦେଖିବାକୁ ମିଳନ୍ତି କୌଣସି ଏକ ଗୋଷ୍ଠୀ ମଧ୍ୟରେ, ଯାହାଙ୍କ ସାମାଜିକ ପରିଚୟ ବ୍ୟାଖ୍ୟା କରାଗଲେ ଆଶ୍ଚର୍ଯ୍ୟ ଲାଗିବ ଯେ କେଉଁ ସ୍ତରର ମଣିଷଙ୍କୁ ଆମେ ଏତେବଡ ସାମାଜିକ ଦାୟିତ୍ୱ ଦେବାରେ ଟିକେହେଲେ କୁଣ୍ଠାବୋଧ କରୁନାହୁଁ; ଯାହାଙ୍କୁ ମଣିଷ ବୋଲି କହିବା ମଧ୍ୟ ଅଯୌକ୍ତିକ! ଏମିତି ଅନେକ ଲୋକପ୍ରତିନିଧି ଅତୀତରେ ଥିଲେ/ଅଛନ୍ତି; ଯେଉଁମାନେ ଅସାମାଜିକ କାର୍ଯ୍ୟ ତଥା ନରହତ୍ୟା କରିବା ପାଇଁ ମଧ୍ୟ ପଛଘୁଞ୍ଚା ଦେଉନାହାନ୍ତି! ସେମାନଙ୍କୁ ଆମେ କାହିଁକି ଲୋକପ୍ରତିନିଧି ଭାବେ ଚୟନ କରିଥାଉ ଉତ୍ତର ନାହିଁ କାହା ପାଖରେ। କାରଣ ସମସ୍ତେ ଆଜି ସ୍ଥାଣୁ ଅବସ୍ଥାରେ ବଂଚିବା ଶିଖିଛନ୍ତି କେବଳ ସାମାଜିକ ଭୟାତୁର ପରିବେଶକୁ ଦେଖି! ସମାଜରେ ଭୟ ସୃଷ୍ଟି କରି ନିର୍ବାଚନ ଲଢୁଥିବା ପ୍ରାର୍ଥୀଙ୍କୁ ଡରି ଲୋକ ଭୋଟ ଦେଉଥିବା ବିଷୟ ସମସ୍ତଙ୍କୁ ଗୋଚର। ତଥାପି ସେମାନଙ୍କୁ ଆମେ ଲୋକପ୍ରତିନିଧି ଭାବେ ଗ୍ରହଣ କରିବାକୁ ଆଦୌ ପଛଘୁଞ୍ଚା ଦେଇ ନ ଥାଉ! ଏମିତି ଅନେକ ଅଯୌକ୍ତିକ ପରିବେଶ, ପରିସ୍ଥିତି ମଧ୍ୟରେ ନିର୍ବାଚନ ଆମର କାହିଁକି ତାହାର ଉତ୍ତର ନାହିଁ କାହା ପାଖରେ! ହେଲେ ଯାକୁ କ'ଣ ଲୋକତନ୍ତ୍ର ବୋଲି କୁହାଯାଇପାରିବ??!! ନିଶ୍ଚିତ ନୁହେଁ!!

ସାଧାରଣ ଲୋକଙ୍କ ଦାରିଦ୍ର୍ୟତା ଏବଂ ଦରିଦ୍ର ମନୋଭାବ ହେତୁ ଏମିତି ହେବା ପଛର ରହସ୍ୟ ଭିନ୍ନ! ଲୋକଙ୍କ ଏହିଭଳି ମାନସିକତା ସୃଷ୍ଟି କରି ରଖିଥିବା ମଧ୍ୟ ଦଳୀୟ ଶାସନର ଏକ ବିଶେଷ ସୂତ୍ର। ନିର୍ବିକାର, ନିର୍ଭୟ, ଆତ୍ମନିର୍ଭରଶୀଳ ଚେତନା ଜାଗ୍ରତ କରି କାହାର ସହାନୁଭୂତିକୁ ପ୍ରତ୍ୟାଖ୍ୟାନ କଲେ ଜଣେ ମଣିଷ ଯେ ନିଶ୍ଚିତ ଉନ୍ନତି କରିବ, ସେଇଥିରେ କୌଣସି ଦ୍ୱିମତ ନାହିଁ। କିନ୍ତୁ ସାଧାରଣ ଲୋକେ ସବୁବେଳେ ଦୁର୍ବଳ କରି ରଖିଛନ୍ତି ନିଜକୁ ନିଜେ। ଏବଂ ସେମାନଙ୍କୁ ସେମିତି ରଖିବା ପଛରେ ମଧ୍ୟ ଗୋଷ୍ଠୀଗତ ଶାସନର ଭୂମିକା ଯଥେଷ୍ଟ ଅଧିକ। ଏମିତି ଅନେକ ସମସ୍ୟା ପରିସ୍ଥିତି ମଧ୍ୟରେ ପରିଚାଳିତ ଆମ ସାମାଜିକ ନିର୍ବାଚନ ବ୍ୟବସ୍ଥା ଯେ ଏହାର ଅନ୍ତ କେବେ??! ଉତ୍ତର ମିଳୁନାହିଁ ଆମକୁ ପୂର୍ବାପର ପରିସ୍ଥିତିଗୁଡିକୁ ସମୀକ୍ଷା କଲେ। ତଥାପି ଆମେ ବଂଚିଛେ, ବଂଚି ରହିଥିବା, କିନ୍ତୁ ନୀତି ମରି, ନୀତି ବଂଚି। ବ୍ୟବସ୍ଥାରେ ପରିବର୍ତ୍ତନ ପାଇଁ ଏକ ବ୍ୟାପକ ଆଭ୍ୟନ୍ତରୀଣ ଗଣଆନ୍ଦୋଳନର ଆବଶ୍ୟକତା ରହିଛି କି, ବିଚାର କରି ଦେଖନ୍ତୁ ସଭ୍ୟ ସମାଜର ସାଧାରଣ ଜନତା। ଯଦି ହଁ, ତା'ହେଲେ ବର୍ତ୍ତମାନଠାରୁ କାହିଁକି ନୁହେଁ? ବୈଦେଶିକ କୂଟନୀତି ଉପରେ ପରିଚାଳିତ ଆମ ଦେଶ ନିର୍ବାଚନ ବ୍ୟବସ୍ଥାର ଅନ୍ତ କେବେ...??

**ପଙ୍କଜ କୁମାର ପାଣିଗ୍ରାହୀ**
*ସୋସିଆଲ ଫୋରମ (ଭାରତ), ଛତ୍ରପୁର, ଗଂଜାମ, ଦୂରଭାଷ: ୯୪୩୭୩୨୪୯୧୭*

# ଚିନ୍ତାରେ ଇମରାନ

ସୌମେନ୍ଦ୍ର ଜେନା



**ପା**କିସ୍ତାନର ପ୍ରଧାନମନ୍ତ୍ରୀ ଇମରାନ ଖାଁ କ୍ରିକେଟରେ ଯେତେସବୁ ସମ୍ମାନ ଅର୍ଜନ କରିଥିଲେ ରାଜନୀତିକୁ ଆସି ତା'ଠାରୁ ଅଧିକ ଅସମ୍ମାନିତ ହେବାରେ ଲାଗିଛନ୍ତି। ଦେଶ ଭିତରେ ସାଧାରଣ ଜନତା ଓ ଗଣମାଧ୍ୟମଗୁଡିକରେ ଇମରାନଙ୍କ ଅପାରଗତାକୁ କେନ୍ଦ୍ରକରି ଚର୍ଚ୍ଚା ଜାରିଥିଲା ବେଳେ ଦେଶ ବାହାରେ ତାଙ୍କ ନୀତିକୁ ସମାଲୋଚନା କରାଯାଉଛି। ନିକଟରେ ସେ ଆମେରିକା ପାଇଁ ପାକ୍‌ର ନୂତନ ରାଷ୍ଟ୍ରଦୂତଙ୍କ ଯେଉଁ ନାମ ପଠାଇଥିଲେ ତାଙ୍କୁ ଆମେରିକାରେ ନିନ୍ଦା କରାଯାଇଛି। ଆମେରିକାର ସାଂସଦ ସ୍କଟବେରୀ ରାଷ୍ଟ୍ରପତି ଜୋ ବାଇଡେନଙ୍କୁ କୌଣସି ପ୍ରକାର ପାକ୍ ସନ୍ତ୍ରାସବାଦୀଙ୍କ କଠୋର ସମର୍ଥକ ମସୁଦ ଖାଁକୁ ରାଷ୍ଟ୍ରଦୂତ ମାନ୍ୟତା ନଦେବା ଲାଗି କହିଛନ୍ତି। ମସୁଦ କିପରି କାଶ୍ମୀର ଆତଙ୍କବାଦୀଙ୍କ ବଡ ପ୍ରଶଂସକ ଓ ସହଯୋଗୀ ରହିଆସିଛନ୍ତି ସେ ନେଇ ଦଲିଲ ପ୍ରସ୍ତୁତ କରିଛନ୍ତି। ପୂର୍ବରୁ ମସୁଦ ଆମେରିକାର ଜେଲରେ ରହିଥିବା ମହିଳା ସନ୍ତ୍ରାସବାଦୀ ଆଫିଆ ସିଦ୍ଦିକୀର ସପକ୍ଷରେ ମଧ୍ୟ ଯୁକ୍ତି କରିଛନ୍ତି। ବାଇଡେନ ଯେ ମସୁଦଙ୍କୁ ଗ୍ରହଣ କରିବେ ନାହିଁ ସେମିତି କିଛି ନାହିଁ। କାରଣ ବାଇଡେନଙ୍କ ଅସ୍ପଷ୍ଟ ନୀତି ହିଁ ସବୁଠୁ ବଡ ଆଶ୍ଚର୍ଯ୍ୟ। ଆଫିଆ ଆମେରିକାର ଟେକ୍ସାସସ୍ଥିତ ଫୋର୍ଟ ୱର୍ଥ ଦୁର୍ଗରେ ଥିବା ଜେଲରେ ୮୬ ବର୍ଷ ପାଇଁ ଜେଲ ଜୀବନ କାଟୁଛି। ୩ ଫେବୃଆରୀ ୨୦୧୦ରୁ ଜେଲରେ ଥିବା ଆଫିଆ ପାଇଁ ଆଇଏସ୍ ଏବଂ ମୁଜାହିଦ୍ଦିନ ଗୋଷ୍ଠୀ ପୃଥିବୀର ଭିନ୍ନ ଭିନ୍ନ ସ୍ଥାନରେ ଅନେକ ଲୋକଙ୍କୁ ହତ୍ୟା କରିସାରିଲେଣି। ଅଥଚ ଅତୀତରେ ପାକିସ୍ତାନର ତତ୍‌କାଳୀନ ପ୍ରଧାନମନ୍ତ୍ରୀ ୟୁସୁଫ ରଜା ଜିଲାନୀ ଏବଂ ପୂର୍ବତନ ପ୍ରଧାନମନ୍ତ୍ରୀ ନୱାଜ ସରିଫ ଆଫିଆର ମୁକ୍ତି ପାଇଁ ଲୋକଙ୍କୁ ପ୍ରତିଶ୍ରୁତି ଦେଇ ସେ ପାକ୍‌ର ଝିଅ ବୋଲି ସମ୍ମାନର ସହ ଗର୍ବ ଅନୁଭବ କରିଥିଲେ। ଲେଡି ଅଲ୍ କାୟଦା ଭାବେ ପରିଚିତ ଆଫିଆର ମୁକ୍ତି ପାଇଁ ଇମରାନ ମଧ୍ୟ ନିଜ ଦେଶରେ ଯୁକ୍ତି ବାଢ଼ିଥିଲା ବେଳେ ନିକଟରେ ଆଫିଆର ମୁକ୍ତିଦାବିରେ ଲଣ୍ଡନ ବାସିନ୍ଦା ତଥା ପାକ୍‌ମୂଳର ଜଣେ ସନ୍ତ୍ରାସବାଦୀ ୪୪ବର୍ଷୀୟ ମାଲିକ ଫୈସଲ ଆକ୍ରାମ ଟେକ୍ସାସ୍‌ର କୋଲ୍ଲେ ଭିଲ୍ଲେସ୍ଥିତ ଇହୁଦୀଙ୍କ ପ୍ରାର୍ଥନା ଗୃହରେ ପ୍ରବେଶ କରି ଲୋକମାନଙ୍କୁ ବନ୍ଧୁକ ମୁନରେ ଅଟକ ରଖିଥିଲା। ପରେ ପୋଲିସ ଚଢାଉରେ ତାର ମୃତ୍ୟୁ ଘଟିଥିଲା। ଓସାମା ବିନ୍ ଲାଡେନଠାରୁ ଆଫିଆ ପର୍ଯ୍ୟନ୍ତ ଅନେକ ସନ୍ତ୍ରାସବାଦୀଙ୍କ ସୂତ୍ର ପାକ୍ ପର୍ଯ୍ୟନ୍ତ ଲମ୍ବିଥିବା ହେତୁ କୌଣସି ରାଷ୍ଟ୍ର ଇମରାନ ସରକାରଙ୍କୁ ଗୁରୁତ୍ୱ ଦେବାକୁ ଆଗ୍ରହୀ ନାହାନ୍ତି।

ପାକ୍‌ରୁ ଦୁର୍ନୀତି, ଦାରିଦ୍ର୍ୟ, ଅନାହାର ଆଦି ସମସ୍ୟାର ସମାଧାନ କରି ନୂଆ ପାକିସ୍ତାନ ଗଢିବା ପାଇଁ ସ୍ୱପ୍ନ ଦେଖାଇ କ୍ଷମତାସୀନ ହୋଇଥିବା ଇମରାନ ଏବେ ନିଜେ ସନ୍ଦେହଘେରରେ ପଡିଛନ୍ତି। ଦେଶ ଭିତରେ ଦାରିଦ୍ର୍ୟ, ଦୁର୍ନୀତି, ଦରବୃଦ୍ଧି ଆଦି ବଢିବାରେ ଲାଗିଛି। ଏଫ୍‌ଏଟିଏଫ୍‌ର ଗ୍ରେ ଲିଷ୍ଟରୁ ପାକିସ୍ତାନ ବାହାରି ପାରୁନାହିଁ। ଫ୍ରାନ୍ସର ସନ୍ତ୍ରାସ ବିରୋଧୀ ଆଭିମୁଖ୍ୟକୁ ପାକ୍ ସରକାରଙ୍କ ସମାଲୋଚନା କରିବା ଏବେ ଅଧିକ ସଙ୍କଟକୁ ଡାକିଆଣିଛି। ଇଉରୋପୀୟ ୟୁନିଅନର ନେତୃତ୍ୱରୁ ମର୍କେଲ ବିଦା ହେବା ପରେ ଏବେ ଫ୍ରାନ୍ସର ଆଧିପତ୍ୟ ବୃଦ୍ଧିପାଇଛି। କିନ୍ତୁ ପାକିସ୍ତାନରେ ଫ୍ରାନ୍ସ କୂଟନୀତିଜ୍ଞମାନଙ୍କୁ ଦେଶରୁ ତଡିଦେବାକୁ ତେଣୁ କେନ୍ଦ୍ରକରି ଅତୀତରେ ହୋଇଥିବା ଆନ୍ଦୋଳନକୁ ଫ୍ରାନ୍ସ ସରକାର ଭୁଲି ନାହାନ୍ତି। ତେଣୁ କୌଣସି ପ୍ରକାରେ ଇମରାନ ଖାଁଙ୍କୁ ସାହାଯ୍ୟ କରିବା ମନୋବୃତ୍ତିରେ ନାହାନ୍ତି। ଇସଲାମିକ ସନ୍ତ୍ରାସବାଦ ପ୍ରତି ପାକ୍ ସରକାରଙ୍କ ଆଭିମୁଖ୍ୟ ପାଶ୍ଚାତ୍ୟ ରାଷ୍ଟ୍ରମାନଙ୍କରେ ତୀବ୍ର ପ୍ରତିକ୍ରିୟା ସୃଷ୍ଟି କରିଛି। ସେମାନେ ଇମରାନଙ୍କୁ ସାହାଯ୍ୟ କରୁନଥିବାରୁ ସେ ନିକଟରେ ପାଶ୍ଚାତ୍ୟ ରାଷ୍ଟ୍ରମାନଙ୍କୁ ଦୋମୁହାଁ କହି ସମାଲୋଚନା କରିଛନ୍ତି। ଚୀନ ସରକାରଙ୍କୁ ସନ୍ତୁଷ୍ଟ କରିବା ପାଇଁ ଇମରାନ ଆମେରିକା ସରକାରଙ୍କ ବିରୋଧରେ ବିଷୋଦ୍‌ଗାର କରିଛନ୍ତି।

ଆଫଗାନିସ୍ଥାନ ମାମଲାରେ ତାଲିବାନକୁ ନିଜ ସପକ୍ଷରେ ରଖିବା ପାଇଁ ଉଦ୍ୟମ କରୁଥିବା ଇମରାନଙ୍କୁ ଏପର୍ଯ୍ୟନ୍ତ ସଫଳତା ମିଳିପାରିନାହିଁ। ଡୁରାଣ୍ଡ ଲାଇନକୁ ସୀମା ଭାବେ ଗ୍ରହଣ କରିବାକୁ ତାଲିବାନ ବିରୋଧ କରି ପାକ୍ ଦ୍ୱାରା ଲଗାଯାଉଥିବା ତାରବାଡକୁ ଭାଙ୍ଗିଦେବା, ସୀମାରେ ଥିବା ନିରୀକ୍ଷଣ ଘାଟି ଉପରେ ଆକ୍ରମଣ କରିବା ଘଟଣା ଇମରାନଙ୍କ ଚିନ୍ତାକୁ ବଢାଇ ଦେଇଛି। ତେହେରିକେ ତାଲିବାନ ପାକିସ୍ତାନ ଏବଂ ବଲୁଚ ଗୋଷ୍ଠୀଙ୍କ ଆକ୍ରମଣ ଆଭ୍ୟନ୍ତରୀଣ ସୁରକ୍ଷାକୁ ଦୋହଲାଇ ଦେଇଛି। ୨୦ ଜାନୁଆରୀ ୨୦୨୨ରେ ଲାହୋର ସହରର ଲାହୋରୀ ଗେଟ ନିକଟରେ ହୋଇଥିବା ବିସ୍ଫୋରଣରେ ୨ଜଣଙ୍କ ମୃତ୍ୟୁ ହେବା ସହ ୨୦ଜଣ ଆହତ ହୋଇଥିଲେ, ଗତବର୍ଷ ୨୩ଜୁନ୍ ୨୦୨୧ରେ ଲାହୋରର ଜୋହରଠାରେ ସକାଳ ୧୧ଟାରେ ହୋଇଥିବା ବିସ୍ଫୋରଣରେ ୪ଜଣଙ୍କ ମୃତ୍ୟୁ ହୋଇଥିଲା। ୨୪ ଜଣ ଆହତ ହୋଇଥିଲେ। ଲସ୍କର-ଇ-ତୈବା ଏବଂ ଜମାତ-ଉଦ୍ ଦାୱାର ମୁଖ୍ୟ ହାଫିଜ ସୟିଦର ଘରକୁ ଟାର୍ଗେଟ କରି ହୋଇଥିବା ସେହି ବିସ୍ଫୋରଣ ଘଟଣାରେ ୪ଜଣ ଫାଶୀ ପାଇବେ ବୋଲି ଜଣାପଡିଛି। ସେହି ଘଟଣାରେ ୩୦କିଗ୍ରା ବିସ୍ଫୋରକ ଭର୍ତ୍ତି ଏକ କାରକୁ ବ୍ୟବହାର କରାଯାଇଥିଲା। ସେହିପରି ୨୬ ଜାନୁଆରୀ ୨୦୨୨ଦିନ ବଲୁଚିସ୍ତାନ ପ୍ରଦେଶର କେଚ୍ ଜିଲ୍ଲାରେ ଥିବା ସୁରକ୍ଷା ପୋଷ୍ଟ ଉପରେ ଆକ୍ରମଣ କରି ବଲୁଚ ଲିବରେସନ ଆର୍ମି ଗୋଷ୍ଠୀ ୧୦ ପାକ୍ ସେନାଙ୍କୁ ହତ୍ୟା କରିଥିଲେ। ୨୦ଜାନୁଆରୀ ଦିନ ଲାହୋର ଆକ୍ରମଣ ପଛରେ ବଲୁଚ ମୁକ୍ତି ବାହିନୀର ହାତଥିବା ସ୍ପଷ୍ଟ ହୋଇଛି। ଗତ ଡିସେମ୍ବର ମାସ ୩୦ ତାରିଖ ଦିନ ପାକିସ୍ତାନର ଉତ୍ତର ୱାଜିରିସ୍ତାନର ମିର ଅଲି ଅଞ୍ଚଳରେ ପାକ୍‌ସେନାଙ୍କ ଚଢାଉ ପ୍ରତିବାଦରେ ବଲୁଚ ଲଢୁଆ ବାହିନୀର ଆକ୍ରମଣ ଆରମ୍ଭ ହୋଇଥିଲା। ସେଥିରେ ହାବିଲଦାର ମୁନାୱର, ସିପାହୀ ଜାକା ଉଲ୍ଲା, ଫରହାନ ଏବଂ ସେରାଜର ମୃତ୍ୟୁ ହୋଇଥିଲା। ଡିସେମ୍ବର ୨୪ତାରିଖ ଦିନ କେଚ୍ ଜିଲ୍ଲାର ଏକ ସେନା ଚେକ୍ ପୋଷ୍ଟର ଦୁଇଜଣ ଯବାନ ଏବଂ ୧୪ ଡିସେମ୍ବର ଦିନ ବଲୁଚିସ୍ତାନର ପାକ୍ ଇରାନ ସୀମାରେ ୨ଜଣ ଯବାନ ବଲୁଚ ମୁକ୍ତିବାହିନୀ ଗରିଲା ଆକ୍ରମଣରେ ପ୍ରାଣ ହରାଇଥିଲେ। ଗତ ୧ ଅକ୍ଟୋବରରେ ଉତ୍ତର ୱାଜିରସ୍ତାନର ସ୍ପିନୱାର୍ମ ଅଞ୍ଚଳରେ ସେନାଗାଡି ଉପରେ ବଲୁଚ ବାହିନୀର ଆକ୍ରମଣରେ ଚରସଦ୍ଦାର ହାବିଲଦାର ଜାହିଦ (୩୫), କୁରାମର ହାବିଲଦାର ଇସାକ(୩୭), ଖାଇବରର ଲାନ୍ସନାୟକ ୱାଲି (୨୮), କୁରାମର ଲାନ୍ସନାୟକ ଅବଦୁଲ ମଜିଦ (୨୮), ସ୍ପିନୱାର୍ମର ସବ୍‌ଇନ୍ସପେକ୍ଟର ଜାଭେଦ (୩୮)ର ମୃତ୍ୟୁ ହୋଇଥିଲା। ସେମିତି ଖାଇବର ପାଖତୁନଖ୍ୱାଠାରେ ତେହରିକ-ଇ-ତାଲିବାନ ଗୋଷ୍ଠୀର ଆକ୍ରମଣରେ ପାକ୍‌ପଟନର ଜଣେ ସେନା କ୍ୟାପଟେନ୍ ସିକନ୍ଦର (୨୭)ଙ୍କ ମୃତ୍ୟୁ ହୋଇଥିଲା। ଗତ ସେପ୍ଟେମ୍ବର ମାସରେ ଦକ୍ଷିଣ ୱାଜିରସ୍ତାନର ଆସମାନ ମାଞ୍ଜା ଅଞ୍ଚଳରେ ୭ଜଣ ସେନା ଯବାନଙ୍କୁ ଆଇଇଡି ବିସ୍ଫୋରଣରେ ଉଡାଇ ଦିଆଯାଇଥିଲା। ଗତ ଅଗଷ୍ଟ ମାସରେ ମଧ୍ୟ ବେଲୁଚିସ୍ତାନର ଜିଆରତ ଜିଲ୍ଲାରେ ଲାଣ୍ଡମାଇନ୍ ବିସ୍ଫୋରଣରେ ୩ ପାକ୍ ଯବାନ ପ୍ରାଣ ହରାଇଥିଲେ।



ଇମରାନଙ୍କ ଦଳ ପାକିସ୍ତାନ ତେହରିକ-ଇ-ଇନସାଫ୍‌ର ସଂପର୍କ ସହଯୋଗୀ ଦଳ ମୁତାହିଦା କ୍ୱାମୀ ମୁଭମେଣ୍ଟ (ଏମ୍‌କ୍ୟୁଏମ୍) ଏବଂ ପାକିସ୍ତାନ ମୁସଲିମ ଲିଗ୍ (ପିଏମ୍‌ଏଲ୍-କ୍ୟୁ) ଦଳ ସହ ଆଗାମୀ ଦିନରେ ଖରାପ ହେବାର ଯଥେଷ୍ଟ ସମ୍ଭାବନା ଦେଖାଦେଲାଣି। ନିକଟରେ ଜଣେ ଶ୍ରୀଲଙ୍କାର କର୍ମଚାରୀଙ୍କୁ ଜିଅନ୍ତା ପୋଡି ମାରିଦେବା ଘଟଣାରେ ଦୁଇଦେଶ ମଧ୍ୟରେ ସଂପର୍କ ଖରାପ ହୋଇଛି। ଇମରାନଙ୍କ ଭାବମୂର୍ତ୍ତିରେ ଆଞ୍ଚ ଆସିଛି। ଶ୍ରୀଲଙ୍କାର ଗଣମାଧ୍ୟମରେ ଇମରାନଙ୍କ ଅପାରଗତାକୁ ନେଇ ସମାଲୋଚନା କରାଯାଇଛି। ଶ୍ରୀଲଙ୍କା କ୍ରିକେଟରମାନଙ୍କ ବସ୍ ଉପରେ ଗୁଳିମାଡ ପରି ଏହି ଘଟଣା ଶ୍ରୀଲଙ୍କାବାସୀଙ୍କ ମନରେ ପ୍ରଚଣ୍ଡ ଘୃଣାଭାବ ସୃଷ୍ଟି କରିଛି। ବାଧ୍ୟ ହୋଇ ପାକ୍ ସରକାର ଶ୍ରୀଲଙ୍କା କର୍ମଚାରୀଙ୍କ ପରିବାରକୁ କ୍ଷତିପୂରଣ ଦେବାକୁ ବାଧ୍ୟ ହୋଇଛନ୍ତି। ନିଜ ଭାବମୂର୍ତ୍ତି ବଢାଇବାଲାଗି ଇମରାନ ଋଣଗ୍ରସ୍ତ ଥାଇ ମଧ୍ୟ ଶ୍ରୀଲଙ୍କାକୁ ଅର୍ଥ ସହାୟତା ଦେବାକୁ ଘୋଷଣା କରିଛନ୍ତି। ଏହିସବୁ ସମସ୍ୟା ଭିତରେ ୩ ଫେବୃଆରୀ ଦିନ ସାଢେ ଏଗାରଟା ବେଳେ ଆଫଗାନିସ୍ତାନର ସୀମାନ୍ତରେ ଥିବା ବଲୁଚିସ୍ତାନ ପ୍ରଦେଶ ଅନ୍ତର୍ଗତ ପଞ୍ଜଗୁରୁ ଏବଂ ନୁସ୍‌କୀସ୍ଥିତ ପାକ୍ ସେନା ଶିବିର ଉପରେ ବଲୋଚ ଲିବରେସନ୍ ଆର୍ମିର ଲୋକେ ଆକ୍ରମଣ କରି ପ୍ରାୟ ୧୭୬ ଯବାନଙ୍କୁ ହତ୍ୟା କରିବା କଥା ଘୋଷଣା କରିଛନ୍ତି। ପାକ୍ ସରକାର ନିଜ ଦେଶର ଗଣମାଧ୍ୟମରେ ଏହି ଖବର ପ୍ରସାରିତ ନକରିବାକୁ କଟକଣା ଜାରି କରିଛନ୍ତି। ଏହି ଘଟଣା କାଳରେ ପାକ୍ ସେନାର ଗୋଟିଏ ହେଲିକପ୍ଟର ଧ୍ୱଂସ ପାଇଥିବା କଥା ବଲୋଚ ଲିବରେସନ୍ ଆର୍ମି ପକ୍ଷରୁ ଘୋଷଣା କରାଯାଇଛି।

ପାକିସ୍ତାନ ସରକାର ଅତୀତରେ ବଙ୍ଗଳାଦେଶୀମାନଙ୍କ ପ୍ରତି ଯେପରି ବର୍ବରତା ପ୍ରଦର୍ଶନ କରିଥିଲେ ଏବେ ବଲୋଚମାନଙ୍କ ପ୍ରତି ଠିକ୍ ସେମିତି ବ୍ୟବହାର କରୁଛନ୍ତି। ଆଗାମୀ ଦିନରେ ଏହି ଅଞ୍ଚଳ ବଙ୍ଗଳାଦେଶ ପରି ପାକିସ୍ତାନରୁ ସ୍ୱତନ୍ତ୍ର ହେବାର ଯଥେଷ୍ଟ ସମ୍ଭାବନା ରହିଛି। ଦେଶରେ ହିନ୍ଦୁ, ଶିଖ୍ ଓ ଖ୍ରୀଷ୍ଟିଆନଙ୍କ ପରି ସଂଖ୍ୟାଲଘୁଙ୍କ ଉପରେ ହେଉଥିବା ଆକ୍ରମଣ ବଢି ବଢି ଚାଲିଛି। ହିନ୍ଦୁଙ୍କ ମନ୍ଦିର ଭଙ୍ଗାହେବା ପରେ ସରକାର ପୁଣି ହିନ୍ଦୁଙ୍କଠାରୁ ଅର୍ଥ ସଂଗ୍ରହ କରି ମନ୍ଦିର ନିର୍ମାଣ କରାଉଛନ୍ତି। ସେମିତି ଜଣେ ଖ୍ରୀଷ୍ଟିଆନ୍ ପାଦ୍ରୀଙ୍କୁ ହତ୍ୟା କରାଯିବା ପରେ ସ୍ଥାନୀୟ ମୌଲବୀ ଗୀର୍ଜାକୁ ଯାଇ ନମାଜ ପଢିବାର ନାଟକ କରୁଛନ୍ତି। ଲାହୋର ଅଦାଲତ ଜିହାଦ ନାମରେ ଅର୍ଥ ସଂଗ୍ରହକୁ ବେଆଇନ ଘୋଷଣା କରିବା ସତ୍ତ୍ୱେ ସନ୍ତ୍ରାସବାଦୀମାନେ ଖୋଲାରେ ସବୁଠି ଚାନ୍ଦା ଆଦାୟ କରୁଛନ୍ତି। ଏପରିକି ଜଣେ ମୌଲାନାଙ୍କ ମୃତ୍ୟୁପରେ ତାଙ୍କ ଆକାଉଣ୍ଟରୁ ୫ ବିଲିଅନ ଡଲାର ଜମା ହୋଇଥିବା ତଥ୍ୟ ଜଣାପଡିଲା। ଇମରାନଙ୍କ ବିରୋଧୀ ତଥା ଜମିଆତ ଉଲେମା-ଇ-ଇସଲାମ ପାର୍ଟିର ଅଧ୍ୟକ୍ଷ ମୌଲାନା ଫଜଲୁର ରହମାନ ନିକଟରେ ଖାଇବର ପାଖତୁନଖ୍ୱା ପ୍ରଦେଶର ସ୍ଥାନୀୟ ନିର୍ବାଚନରେ ନିଜ ଦଳକୁ ୩୯ଟି ତହସିଲରେ ମେୟର ଏବଂ ଚେୟାରମେନ୍ ଆସନରେ ବିଜୟୀ କରାଇଛନ୍ତି। ଏହି ସ୍ଥାନୀୟ ନିର୍ବାଚନରେ ବିପୁଳ ସଫଳତା ପରେ ସେ ୨୩ ମାର୍ଚ୍ଚରେ ଇମ୍‌ରାନ ସରକାର ବିରୋଧରେ ଇସଲାମାବାଦ ଚାଲ ଅଭିଯାନର ଘୋଷଣା କରିଛନ୍ତି। ଗତ ଅକ୍ଟୋବର-ନଭେମ୍ବର ୨୦୨୧ରେ ତେହରିକେ ଲାବାଇକ ପାକିସ୍ତାନ ଦଳର ଲୋକେ ଇମ୍‌ରାନଙ୍କୁ ପାଣି ପିଆଇଥିଲେ। ପାକିସ୍ତାନରୁ ଫ୍ରାନ୍ସ ରାଷ୍ଟ୍ରଦୂତଙ୍କୁ ଅପସାରଣ, ଦଳ ଉପରୁ ନିଷେଧାଜ୍ଞା ହଟାଇବା ଏବଂ ଦଳର ମୁଖ୍ୟ ସାଦ୍ ହୁସେନ୍ ରିଜଭୀଙ୍କ ମୁକ୍ତି ଦାବିରେ ୨୨ ଅକ୍ଟୋବରରୁ ୧୮ ନଭେମ୍ବର ଯାଏଁ ପଞ୍ଜାବର ଲାହୋର, ମୁଲତାନ, ଗୁଜୁରାଟ ଏବଂ ଗୁଜରନୱାଲାରେ ଯେଉଁ ବ୍ୟାପକ ହିଂସାକାଣ୍ଡ, ଗୁଳିଗୋଳା ବର୍ଷଣ ହୋଇଥିଲା ସେଥିରେ ଜଣେ ପୋଲିସ ସହ ୨୭ଜଣଙ୍କ ମୃତ୍ୟୁ, ୪୦ ପୋଲିସଙ୍କ ସମେତ ୧୦୦ରୁ ଅଧିକ ଲୋକ ଆହତ ହୋଇଥିଲେ। ଶେଷରେ ଇମରାନ ବାଧ୍ୟ ହୋଇ ଆନ୍ଦୋଳନକାରୀଙ୍କ ଦାବିକୁ ଗ୍ରହଣ କରିଥିଲେ। ଗତ ନିର୍ବାଚନ ବେଳେ ନୂଆ ପାକିସ୍ତାନ ଗଠନର ସ୍ଲୋଗାନ ଦେଇ ଇମରାନ ବିଜୟୀ ହୋଇଥିଲେ ହେଁ ଆଜି ଚିନି, ଔଷଧପତ୍ର, ଅଟା ଆଦି ସାଧାରଣ ଲୋକେ କିଣିବା କଷ୍ଟକର ହେଲାଣି। ଇମରାନଙ୍କ ପରାମର୍ଶଦାତା ଶାହଜାଦ ଆକବରଙ୍କୁ ଗତ ଜାନୁଆରୀ ମାସ ଶେଷ ସପ୍ତାହରେ ଅନେକ ସମାଲୋଚନା ଯୋଗୁ ଇସ୍ତଫା ଦେବାକୁ ହୋଇଛି। ପାକ୍ ସରକାର ପୂର୍ବରୁ କହୁଥିଲେ ଯେ ତାଲିବାନ ଆଫଗାନିସ୍ତାନରେ କ୍ଷମତାକୁ ଆସିଲେ ପାକିସ୍ତାନ ସହ ସଂପର୍କ ସୁଧୁରିଯିବ। ତାଲିବାନ କ୍ଷମତାକୁ ଆସିବାପରେ ପାକ୍ ସଂପର୍କ ବହୁତ ଭଲ ହୋଇଛି ବୋଲି କହିହେବନାହିଁ। ଖୁରମ୍ ଜିଲ୍ଲାରେ ଥିବା ସେନା ପୋଷ୍ଟ ଉପରେ ଆଫଗାନପଟୁ ହୋଇଥିବା ଗୁଳିମାଡରେ ୫ଜଣ ପାକ୍ ଯବାନଙ୍କର ନିକଟରେ ମୃତ୍ୟୁ ହୋଇଛି। ଆକ୍ରମଣକାରୀମାନେ ତେହରିକେ ତାଲିବାନ ପାକିସ୍ତାନର ସମର୍ଥକ ବୋଲି କୁହାଯାଉଛି, ଯେଉଁମାନେ ପାକ୍ ଆଫଗାନ ସୀମାରେ ତାଲିବାନ ଲଢୁଆଙ୍କୁ ନେଇ ପାକ୍ ପୋଷ୍ଟ ଉପରେ ମିଳିତ ଚଢାଉ କରିଥିଲେ। ସଣ୍ଡୁଆସୀ ଆକ୍ରମଣ ଯୋଗୁ ଯବାନମାନେ ଖସିଯିବାକୁ ସମୟ ଓ ସୁବିଧା ପାଇନଥିଲେ। ଦେଶର ଖରାପ ଆର୍ଥିକ ପରିସ୍ଥିତି, ରାଜନୈତିକ ସନ୍ଦେହ, ଆନ୍ତର୍ଜାତିକ ସ୍ତରରେ ସନ୍ତ୍ରାସବାଦୀଙ୍କ ସମର୍ଥକ ରାଷ୍ଟ୍ର ଭାବେ ପରିଚୟ, ଭାରତ ସହ ସମକକ୍ଷ ହେବା ଦୌଡରେ ଅଯଥା ସାମରିକ ବ୍ୟୟ, ଆଧୁନିକ ଶିକ୍ଷା ପରିବର୍ତ୍ତେ ମୌଳବାଦୀ ମଦ୍ରାସା ଶିକ୍ଷାକୁ ପ୍ରାଧାନ୍ୟ ଦେବା, ଗବେଷଣା ଓ ଉତ୍ପାଦନ କ୍ଷେତ୍ରରେ ଢାଞ୍ଚାଗତ ଦୁର୍ବଳତା, ମୌଳବାଦୀ ଧର୍ମଗୁରୁମାନଙ୍କର ଦେଶର ବିଧି ଓ ବ୍ୟବସ୍ଥା ପ୍ରତି ଆହ୍ୱାନ ଆଦି ପାକିସ୍ତାନରେ ଜଟିଳ ପରିସ୍ଥିତି ସୃଷ୍ଟି କଲାବେଳେ ଇମରାନ ଚିନ୍ତାରେ ପଡିଛନ୍ତି।

*-ଭାରତୀୟ ସମ୍ବାଦ ସେବା (ଭାସ୍)*
*ଭୁବନେଶ୍ୱର-୭୫୧୦୦୩*




# ଆଉ ୫ ଜଣ ଅଧିକାରୀଙ୍କୁ ବାଧ୍ୟତାମୂଳକ ଅବସର

ଭୁବନେଶ୍ୱର ,(ପି.ଏନ): ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ ସାଧାରଣ ଜୀବନରେ କ୍ଷେତ୍ରରେ ଉଚ୍ଚ ନୈତିକତା ଓ ସାଧୁତା ବଜାୟ ରଖିବା ଉପରେ ସବୁବେଳେ ଗୁରୁତ୍ୱ ଦେଇଆସିଛନ୍ତି। ଅପାରଗ ତଥା ଦୁର୍ନୀତିଗ୍ରସ୍ତ ଅଧିକାରୀଙ୍କ ବିରୁଦ୍ଧରେ ସବୁବେଳେ ଶୂନ୍ୟ ସହିଷ୍ଣୁତା ଆଭିମୁଖ୍ୟ ଉପରେ ଜୋର ଦେଇଆସିଛନ୍ତି । ଜନସାଧାରଣଙ୍କୁ ସ୍ୱଚ୍ଛ, ଦକ୍ଷ ଏବଂ ଉତ୍ତରଦାୟୀ ପ୍ରଶାସନ ମାଧ୍ୟମରେ ସେବା ଯୋଗାଇ ଦେବା ପାଇଁ ମୁଖ୍ୟମନ୍ତ୍ରୀ ନିରନ୍ତର ପ୍ରଚେଷ୍ଟା ଜାରି ରଖିଛନ୍ତି। ରାଜ୍ୟ ସରକାରଙ୍କ ଏହି ଆଭିମୁଖ୍ୟ ଅନୁଯାୟୀ ଏବେ ଆଉ ୫ ଜଣ ଅଧିକାରୀଙ୍କୁ ବାଧ୍ୟତାମୂଳକ ଅବସର ଦିଆଯାଇଛି ଏବଂ ଏଥିରେ ବିଭିନ୍ନ କ୍ଷେତ୍ରରେ ଥିବା ଅଧିକାରୀ, ଯଥା - ପୋଲିସ ଡି.ଏସ୍.ପି, ଓଏଏସ୍ ଅଫିସର, ପୋଲିସ ଇନ୍ସପେକ୍ଟର ଓ ୨ ଜଣ ମ୍ୟୁନିସିପାଲଟି ଏକ୍ଜିକ୍ୟୁଟିଭ ଅଫିସର ପ୍ରମୁଖ ଅନ୍ତର୍ଭୁକ୍ତ । ଏହାକୁ ମିଶାଇ ବର୍ତ୍ତମାନ ସୁଦ୍ଧା ୧୫୧ ଜଣ ଅଧିକାରୀଙ୍କୁ ଚାକିରୀରୁ ବରଖାସ୍ତ ବା ବାଧ୍ୟତାମୂଳକ ଅବସର ଦିଆଯାଇଛି । ଏହି ୫ ଜଣଙ୍କ ମଧ୍ୟରୁ କଳାହାଣ୍ଡି ଜିଲ୍ଲା ମହିଳା ବିରୋଧୀ ଅପରାଧ ତଦନ୍ତ କେନ୍ଦ୍ରରେ ଆଇୟୁସିଏଡବଲୁ ଡି.ଏସ୍.ପି ଭାବରେ ନିଯୁକ୍ତ ଓଡିଶା ପୋଲିସ ସେବା ଅଧିକାରୀ ଶ୍ରୀ ରବିନ୍ଦ୍ର କୁମାର ସେଠୀଙ୍କ ବିରୁଦ୍ଧରେ ଗୋଟିଏ ଦୁର୍ନୀତି ଅଭିଯୋଗ ରହିଛି । ସେ ଜଣେ ଅଭିଯୋଗକାରୀଙ୍କ ଠାରୁ ୫୦୦୦ ଟଙ୍କା ଲାଞ୍ଚ ନେଇ ଦୁର୍ନୀତି ନିବାରଣ ବିଭାଗ ଦ୍ୱାରା ଧରା ପଡିଥିଲେ ଏବଂ ତାଙ୍କୁ ଗିରଫ କରାଯାଇ ବିଚାର ବିଭାଗୀୟ ହାଜତକୁ ପଠାଯାଇଥିଲା। ଦୁର୍ନୀତି ଓ ଅସାଧୁତା ଯୋଗୁ ତାଙ୍କୁ ବାଧ୍ୟତାମୂଳକ ଅବସର ଦିଆଯାଇଛି । ସୁନ୍ଦରଗଡ ଜିଲ୍ଲା ବଣାଇର ପୂର୍ବତନ ତହସିଲଦାର ଓଏଏସ୍ ଅଧିକାରୀ ଶ୍ରୀ ସୁଶୀଲ କୁମାର କୁଜୁରଙ୍କ ନାମରେ ଗୋଟିଏ ଦୁର୍ନୀତି ଅଭିଯୋଗ ଅଛି। ଢେଙ୍କାନାଳ ସଦର ବ୍ଲକ୍‌ରେ ବିଡିଓ ଥିବାବେଳେ ସେ ମନରେଗା ପାଣ୍ଠି ଆତ୍ମସାତ କରିଥିଲେ। ବିଭିନ୍ନ ଗାଁରେ ଜାଲ କାଗଜପତ୍ରରେ ବୃକ୍ଷରୋପଣ କାର୍ଯ୍ୟକ୍ରମ ଦର୍ଶାଇ ସରକାରଙ୍କର ୨୪ ଲକ୍ଷ ୨୨ ହଜାର ୫୩୮ ଟଙ୍କା କ୍ଷତି ପହଞ୍ଚାଇଥିଲେ। ତାଙ୍କୁ ଗିରଫ କରାଯାଇ ବିଚାର ବିଭାଗୀୟ ହାଜତକୁ ପଠାଯାଇଥିଲା । ଅପାରଗତା, ଦୁର୍ନୀତି ଓ ଅସାଧୁତା ଯୋଗୁ ତାଙ୍କୁ ବାଧ୍ୟତାମୂଳକ ଅବସର ଦିଆଯାଇଛି । ବଲାଙ୍ଗୀର ଜିଲ୍ଲା ବଙ୍ଗମୁଣ୍ଡାର ପୋଲିସ ଇନ୍‌ସପେକ୍ଟର ଶ୍ରୀ ବିନୋଦ ବିହାରୀ ନାୟକଙ୍କ ବିରୁଦ୍ଧରେ ଗୋଟିଏ ଦୁର୍ନୀତି ଅଭିଯୋଗ ରହିଛି । ସେ ବଙ୍ଗମୁଣ୍ଡାରୁ କୁଟିଣ୍ଡାକୁ ଏକ ମାରୁତି ସିଆଜ୍ କାରରେ ଯାଉଥିବା ବେଳେ ବରଗଡ ଟୋଲଗେଟ୍ ନିକଟରେ ଦୁର୍ନୀତି ନିବାରଣ ବିଭାଗର ଏକ ଟିମ୍ ଦ୍ୱାରା ଧରା ପଡିଥିଲେ। ତାଙ୍କ ଠାରୁ ୨ ଲକ୍ଷ ୬ ହଜାର ୨୨୦ ଟଙ୍କା ଜବତ କରାଯାଇଥିଲା। ବଙ୍ଗମୁଣ୍ଡାସ୍ଥିତ ତାଙ୍କ ସରକାରୀ ବାସଭବନରେ ତଲାସୀ ସମୟରେ ୩,୮୦,୯୨୦ ଟଙ୍କା ଜବତ କରାଯାଇଥିଲା । ସମୁଦାୟ ତାଙ୍କ ଠାରୁ ୫,୮୭,୧୪୦ ଟଙ୍କା ଜବତ କରାଯାଇଥିଲା। ୨୦୨୧ ନଭେମ୍ବର ୩୦ ତାରିଖ ଦିନ ସେ ଗିରଫ ହୋଇଥିଲେ। ଅଧିକ ତଦନ୍ତ ପରେ ଜଣାଯାଇଥିଲା ଯେ ସେ ଯେଉଁ ମାରୁତି କାର (ଢଉ-୧୫କ-୬୧୧୧) ରେ ଯାଉଥିଲେ, ତାହା ସମ୍ବଲପୁର ଜିଲ୍ଲା ଧନୁପାଲ୍ଲୀ ପୋଲିସ ଷ୍ଟେସନ ଅନ୍ତର୍ଗତ ଏମ୍. ନାସିର ନାମକ ଜଣେ ବ୍ୟକ୍ତିଙ୍କୁ ପୁଅ ମହମ୍ମଦ ମଲିମ୍‌ଙ୍କ ନାମରେ ରହିଛି। ସେହି ବ୍ୟକ୍ତିଙ୍କ ନାମରେ ଧନୁପାଲ୍ଲୀ ପୋଲିସ ଷ୍ଟେସନରେ ୪ଟି ମାମଲା ଓ ସମ୍ବଲପୁର ସଦର ପୋଲିସ ଷ୍ଟେସନରେ ଗୋଟିଏ ମାମଲା ରହିଛି। ଦୁର୍ନୀତି, ଅପାରଗତା ଓ ଦୁର୍ବ୍ୟବହାର ଯୋଗୁ ତାଙ୍କୁ ବାଧ୍ୟତାମୂଳକ ଅବସର ଦିଆଯାଇଛି ।ସେହିପରି ଭଦ୍ରକ ଜିଲ୍ଲା ବାସୁଦେବପୁର ମ୍ୟୁନିସପାଲଟିର ପୂର୍ବତନ ଏକଜିକ୍ୟୁଟିଭ ଅଫିସର ଶ୍ରୀ ତାପସ ରଞ୍ଜନ ଜେନାଙ୍କୁ ତାଙ୍କର ପୌରସେବା କାର୍ଯ୍ୟକାଳ ସମୟରେ ଅପାରଗତା, ଅସାଧୁତା, ଦାୟିତ୍ୱରେ ଅବହେଳା, ଆର୍ଥିକ ଅନିୟମିତତା ଆଦି ବିଭିନ୍ନ କାରଣରୁ ବାଧ୍ୟତାମୂଳକ ଅବସର ଦିଆଯାଇଛି । ମୟୂରଭଞ୍ଜ ଜିଲ୍ଲା କରଞ୍ଜିଆ ଏନଏସିର ପୂର୍ବତନ ଏକଜିକ୍ୟୁଟିଭ ଅଫିସର ଶ୍ରୀ ବିଜୟକୃଷ୍ଣ ନାୟକଙ୍କୁ ତାଙ୍କର ପୌରସେବା କାର୍ଯ୍ୟକାଳ ସମୟରେ ଅପାରଗତା, ଦାୟିତ୍ୱରେ ଅବହେଳା, ନୈତିକ ସ୍ଖଳନ, ମହିଳାଙ୍କ ସହିତ ଅବୈଧ ସଂପର୍କ, ଜନସାଧାରଣଙ୍କୁ ପୌରସେବା ଯୋଗାଇଦେବା କ୍ଷେତ୍ରରେ ଅନାଗ୍ରହ, ସରକାରୀ ନିର୍ଦ୍ଦେଶାବଳୀର ଅବମାନନା ଏବଂ ଓଡିଶା ସରାକାରୀ ସେବା ଆଚରଣ ବିଧି ୧୯୫୫ର ଉଲଙ୍ଘନ ଆଦି ବିଭିନ୍ନ କାରଣରୁ ବାଧ୍ୟତାମୂଳକ ଅବସର ଦିଆଯାଇଛି । ଏହାକୁ ମିଶାଇ ବର୍ତମାନ ସୁଦ୍ଧା ୧୫୧ ଜଣ ଅଧିକାରୀଙ୍କୁ ଚାକିରୀରୁ ବହିଷ୍କାର ବା ବାଧ୍ୟତାମୂଳକ ଅବସର ଦିଆଯାଇଛି।

# ଗଣତନ୍ତ୍ର ଓ ଗଣତାନ୍ତ୍ରିକ ବ୍ୟବସ୍ଥାର ମୂଲ୍ୟବୋଧ ରକ୍ଷାକରିବା ନିତ୍ୟାନ୍ତ ଜରୁରୀ : ନିରଞ୍ଜନ

ଭୁବନେଶ୍ୱର, (ପି.ଏନ): ମହାତ୍ମା ଗାନ୍ଧୀଙ୍କର ଭାରତ ବର୍ଷରେ ଆଜି ଯେଉଁଭଳି ଭାବରେ ହିଂସା, ଦ୍ୱେଷ, ଘୃଣା, ଦୁର୍ନୀତି, ଭ୍ରଷ୍ଟାଚାର ଓ ନାରୀ ନିର୍ଯ୍ୟାତନା ହୁ ହୁ ହୋଇ ବଢ଼ିଚାଲିଛି, ତଦ୍ୱାରା ମହାତ୍ମା ଗାନ୍ଧୀ, ନେହେରୁ, ପଟେଲ ଇତ୍ୟାଦି ମହାମନିଷଙ୍କର ସ୍ୱପ୍ନକୁ ଯେ ଆମେ ପ୍ରତିଦିନ କୁଠାରଘାତ କରୁଛୁ,ଏହା ମୋତେ ବ୍ୟକ୍ତିଗତ ଭାବେ ବହୁ ବ୍ୟଥିତ କରୁଛି। ଆମେ ସମସ୍ତେ ଯେଉଁମାନେ ରାଜନୀତି କରୁଛୁ, ଏବଂ ସାଧାରଣ ଜୀବନରେ ଅଛୁ, ସେମାନଙ୍କର ପ୍ରୋତ୍ସାହନ ଓ ପୃଷ୍ଠପୋଷକତା ବିନା ଏଭଳି ଦୁର୍ନୀତି, ହିଂସା, ଭ୍ରଷ୍ଟାଚାର ବୃଦ୍ଧି ସମ୍ଭବ ହୋଇପାରିବ ନାହିଁ। କଂଗ୍ରେସ ଭବନରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଏହା ପ୍ରକାଶ କରିଛନ୍ତି ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ। ସେ କହିଛନ୍ତି ଯେ ଏ ରାଜ୍ୟରେ ୨୨ ବର୍ଷର ବିଜେଡ଼ି ସରକାର କେବଳ ଲୋକମାନଙ୍କୁ ପ୍ରତିଶ୍ରୁତି ଓ ପ୍ରତାରଣାଛଡ଼ା ସାଧାରଣ ଜନତାଙ୍କର ସମସ୍ୟାକୁ ଦୂର କରିବାରେ ଅସମର୍ଥ ହୋଇଛି। ସୋରରେ ଜଣେ ବୟସ୍କ ପୂର୍ବତନ ବିଧାୟକ ବର୍ତମାନର ସୋର ବିଜେଡ଼ି ବିଧାୟକ ପର୍ଶୁରାମ ଧଡ଼ାଙ୍କୁ ପଂଚାୟତକୁ ଆସିଥିବା ଅର୍ଥ ବାବଦରେ ପ୍ରଶ୍ନଟିଏ ପଚାରିଥିଲେ। ଏଥିଯୋଗୁଁ ବିଜେଡ଼ି ବିଧାୟକପୂର୍ବତନ ବିଧାୟକଙ୍କୁ ମାରିବା ଓ ତାଙ୍କୁ ଅପମାନିତ କରିବା ଆମ ଗଣତନ୍ତ୍ର ପ୍ରତି ଉପହାସ କି ନାହିଁ? ମୁଖ୍ୟମନ୍ତ୍ରୀ ସ୍ୱଚ୍ଛତାର ଡିଣ୍ଡିମ ପିଟୁଛନ୍ତି ଯଦି ଏ ରାଜ୍ୟର ଶାସନ ବ୍ୟବସ୍ଥା ସ୍ୱଚ୍ଛ ତାହାହେଲ ଅଙ୍ଗନୱାଡ଼ି କର୍ମଚାରୀ, କନେଷ୍ଟବଳ, କିରାଣୀ ଓ ଏମାନଙ୍କ ପାଖରୁ କୋଟି କୋଟି ଟଙ୍କାର ଆୟବର୍ହିଭୂତ ସଂପତି ଆସୁଛି କେଉଁଠୁ? ଯଦି ଏମାନଙ୍କ ପାଖରୁ ଏତେ ଟଙ୍କା ବାହାରୁଛି ତାହାହେଲେ ୨୨ ବର୍ଷର ସରକାରଙ୍କର ଏମଏଲଏ, ମନ୍ତ୍ରୀ ଓ ଦଳର ବିଭିନ୍ନ ଛାମୁଆ ତଥା ବଡ଼ ବଡ଼ ବାବୁମାନଙ୍କ ପାଖରେ କେତେ ଶହ କୋଟି ଟଙ୍କା ଅଛି । ଏସବୁର ହିସାବ ନବୀନ ବାବୁ ୨୨ ବର୍ଷଭିତରେ ଥରୁଟିଏ ଦେଲେ ନାହିଁ। ପରିବର୍ତନ ଆପେ ଆପେ ଆସେ ନାହିଁ ଜନସାଧାରଣଙ୍କ ଦ୍ୱାରା ପରିବର୍ତନ ହିଁ ଆସେ। ତେଣୁ ଓଡ଼ିଶାବାସୀ ଏକ ଯୋଗ୍ୟ ପ୍ରାର୍ଥୀଙ୍କୁ ବିଚାର କରି ତ୍ରିସ୍ତରୀୟ ପଂଚାୟତ ନିର୍ବାଚନରେ ନିର୍ବାଚିତ କରିବାକୁ ସେ ଅନୁରୋଧ କରିଛନ୍ତି। ଲୋକ ବୁଝିଥିଲେ କଂଗ୍ରେସ ଭଲ ଭୋଟ ପାଇବ ଦୁର୍ନୀତି, ଭ୍ରଷ୍ଟାଚାର, ବାହୁବଳ ଓ ଅର୍ଥବଳ, ହିଂସା ଓ ନିର୍ଯ୍ୟାତନାକୁ ଯଦି ଆମେ ପୃଷ୍ଠପୋଷକତା କରିବୁ ଆମ ଗଣତନ୍ତ୍ର ନିଶ୍ଚୟ ଅଧିକରୁ ଅଧିକ ନିମ୍ନଗାମୀ ହେବ। ରାଜ୍ୟରେ ଓବିସିସି ମାନଙ୍କୁ ନେଇ ଉଭୟ ରାଜନୈତିକ ଦଳ ବହୁତ କୁମ୍ଭୀର କାନ୍ଦଣା କାନ୍ଦନ୍ତି କିନ୍ତୁ ଏହି ତ୍ରିସ୍ତରୀୟ ପଂଚାୟତ ନିର୍ବାଚନରେ ତାଙ୍କର ହକ୍‌କୁ ରାଜ୍ୟ ସରକାର ଓ କେନ୍ଦ୍ରରେ ଥିବା ବିଜେପି ସରକାର ଦେବାରେ ବିଫଳ। କିନ୍ତୁ ଏହି ତ୍ରିସ୍ତରୀୟ ପଂଚାୟତ ନିର୍ବାଚନରେ କଂଗ୍ରେସ ୪୪.୭୮ ପ୍ରତିଶତ ଓବିସି ବର୍ଗରୁ ପ୍ରାର୍ଥୀ ଦେଇଛି। ଗାନ୍ଧୀଙ୍କ ନୀତି ଓ ଆଦର୍ଶକୁ ପାଥେୟ କରି ଆମେ ସମସ୍ତେ ରାଜନୀତି କରିବା ଉଚିତ ବୋଲି ଉପଦେଶ ଦେଇଛନ୍ତି ପ୍ରଦେଶ କଂଗ୍ରେସ ସଭାପତି ନିରଞ୍ଜନ ପଟ୍ଟନାୟକ। ଏହି ସାମ୍ବାଦିକ ସମ୍ମିଳନୀରେ ପିସିସି ଉପସଭାପତି ଯଜ୍ଞେଶ୍ୱର ବାବୁ, ପିସିସି ସାମାଜିକ ଗଣମାଧ୍ୟମ ଅଧ୍ୟକ୍ଷ ଅଭିଷେକ ମହାନନ୍ଦ, ପିସିସି ମୁଖପାତ୍ର ରଜନୀ ମହାନ୍ତି, ଗଣମାଧ୍ୟମ ସଂଯୋଜକ ଦୀପକ କୁମାର ମହାପାତ୍ର ଉପସ୍ଥିତ ଥିଲେ।

## ପୋଲିଂ ଦାୟୀତ୍ୱରେ ଥିବା କର୍ମଚାରୀଙ୍କୁ ଭୋଟ ଦାନ କରିବା ପାଇଁ ସୁଯୋଗ ଦିଆଯାଉ : ବିଜେପି

ଭୁବନେଶ୍ୱର , (ପି.ଏନ): କୌଣସି ନିର୍ବାଚନକୁ ଅବାଧ, ମୁକ୍ତ ଓ ନିରପେକ୍ଷ କରିବା ପାଇଁ ଭାରତୀୟ ସମ୍ବିଧାନରେ ସମସ୍ତଙ୍କୁ ଭୋଟ ଦେବାର ଅଧିକାର ପ୍ରଦାନ କରାଯାଇଛି ।ଏଥିରୁ ବଂଚିତ ରଖିବାକୁ କାହା ପାଖରେ ଅଧିକାର ନାହିଁ । ନିର୍ବାଚନ ଦାୟୀତ୍ୱରେ ଥିବା ଲୋକମାନେ ନିଜ ନିଜ ମତ ସାବ୍ୟସ୍ତ କରି ପାରନ୍ତି ନାହିଁ। ତେଣୁ ତାଙ୍କ ପାଇଁ ପୋଷ୍ଟାଲ ଭୋଟର ବ୍ୟବସ୍ଥା କରାଯାଇଛି । କିନ୍ତୁ ରାଜ୍ୟରେ ଚଳିତ ତ୍ରିସ୍ତରୀୟ ପଂଚାୟତ ନିର୍ବାଚନରେ ପୋଲିଂ ଦାୟୀତ୍ୱରେ ଥିବା କର୍ମଚାରୀଙ୍କୁ ଭୋଟ ଦେବାରୁ ବଂଚିତ କରାଯାଇଛି। ଏହା ସଂପୂର୍ଣ୍ଣ ଭାବେ ଅଗଣତାନ୍ତ୍ରିକ ଓ ଅସାମ୍ବିଧାନିକ । ନିର୍ବାଚନ ପ୍ରକ୍ରିୟା ଆରମ୍ଭ ହେବା ସମୟରୁ ଭାରତୀୟ ଜନତା ପାର୍ଟି ଏହି ପ୍ରସଙ୍ଗରେ ରାଜ୍ୟ ନିର୍ବାଚନ କମିଶନଙ୍କୁ ଅବଗତ କରିଥିଲେ ସୁଦ୍ଧା କୌଣସି ପଦକ୍ଷେପ ଗ୍ରହଣ କରାଗଲା ନାହିଁ ଏବଂ ବହୁ ସଂଖ୍ୟାରେ ଭୋଟର ନିଜ ମତଦାନ କରିବାରୁ ବଂଚିତ ହେଲେ । ରାଜ୍ୟ ନିର୍ବାଚନ କମିଶନଙ୍କ ଏଭଳି ଅଗଣତାନ୍ତ୍ରିକ ପଦକ୍ଷେପ କାହା ସ୍ୱାର୍ଥରେ ବୋଲି ରାଜ୍ୟ ଗଣମାଧ୍ୟମ ମୁଖ୍ୟ ଦିଲୀପ ମଲ୍ଲିକ ପ୍ରଶ୍ନ କରିଛନ୍ତି କହିଛନ୍ତି। ନିର୍ବାଚନ କମିଶନଙ୍କ ନିକଟରେ ଭାରତୀୟ ଜନତା ପାର୍ଟି ତରଫରୁ ପୋଲିଂ ଦାୟୀତ୍ୱରେ ଥିବା ସମସ୍ତ କର୍ମଚାରୀଙ୍କୁ ଭୋଟ ଦାନ କରିବା ପାଇଁ ସୁଯୋଗ ଦେବାକୁ ଦାବୀ କରାଯାଇଛି ।

# ରାଜ୍ୟରେ ଲିଙ୍ଗଗତ ସମାନତାକୁ ସୁଦୃଢ଼ କରିବା ପାଇଁ ଜେ-ପାଲ୍ ସହିତ ହେବ ଚୁକ୍ତିନାମା

ଭୁବନେଶ୍ୱର , (ପି.ଏନ):ରାଜ୍ୟରେ ଲିଙ୍ଗଗତ ସମାନତାକୁ ସୁଦୃଢ଼ କରିବା ପାଇଁ ଓଡ଼ିଶା ରାଜ୍ୟ ଜେ-ପାଲ୍ ସହିତ ଏକ ଅଣଆର୍ଥିକ ଚୁକ୍ତି ସ୍ୱାକ୍ଷର କରିବାକୁ ଯାଉଛି। ବିଦ୍ୟାଳୟ ଯାଉଥିବା କିଶୋରକିଶୋରୀମାନଙ୍କ ମଧ୍ୟରେ ଲିଙ୍ଗଗତ ମନୋଭାବ ଏବଂ ଆଚରଣ ପରିବର୍ତନ କରି ଏହା ଲିଙ୍ଗଗତ ସମାନତାକୁ ତ୍ୱରାନ୍ୱିତ କରିବ।ଏହି କାର୍ଯ୍ୟକ୍ରମଟି ଷଷ୍ଠରୁ ଦଶମ ଶ୍ରେଣୀ ପାଇଁ ବିଦ୍ୟାଳୟ ପାଠ୍ୟକ୍ରମରେ ଲିଙ୍ଗଗତ ସମାନତା ପାଠ୍ୟକ୍ରମକୁ ଏକୀକରଣ ଉପରେ ଧ୍ୟାନ ଦେଇଥାଏ । ଲିଙ୍ଗଗତ ସମାନତା କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ହେଉଛି ୫-'ଟି' ସ୍କୁଲ ଟ୍ରାନ୍ସଫର୍ମେସନ୍ ପ୍ରୋଗ୍ରାମର ଲକ୍ଷ୍ୟ ସହିତ ସିଙ୍କ୍ରୋନାଇଜେସନ୍ ଯାହା ପିଲାମାନଙ୍କୁ ବଡ଼ ସ୍ୱପ୍ନ ଦେଖିବାରେ ସାହାଯ୍ୟ କରିବା ଏବଂ ଜୀବନର ସମସ୍ତ ଆହ୍ୱାନର ସମ୍ମୁଖୀନ ହେବାକୁ ଆତ୍ମବିଶ୍ୱାସରେ ଆଗକୁ ବଢ଼ିବା । ଏହି କାର୍ଯ୍ୟକ୍ରମ ଶିକ୍ଷା ବର୍ଷ ୨୦୨୨ଠାରୁ କାର୍ଯ୍ୟକାରୀ ହେବ। ପାଠ୍ୟକ୍ରମ ଚଳିତ ବର୍ଷ ସାମାଜିକ ଅଧ୍ୟୟନ ଏବଂ ଏହାର ସହଯୋଗୀ ବିଷୟଗୁଡ଼ିକ ପାଇଁ ଭୁଗୋଳ, ଇତିହାସ, ରାଜନୀତି ବିଜ୍ଞାନ ପାଇଁ ଏକ ସପ୍ଲିମେଂଟାରୀ ପାଠ୍ୟପୁସ୍ତକ ଭାବରେ ଆସିବ ଏବଂ ଏହା ସରକାରଙ୍କ ଦ୍ୱାରା ଛପା ହେବ। ୨୦୨୩ ପରଠାରୁ ପାଠ୍ୟକ୍ରମଗୁଡ଼ିକ ବିଦ୍ୟମାନ ଏସ୍‌ସିଇଆରଟି ସାମାଜିକ ଅଧ୍ୟୟନ ଏବଂ ଏହାର ସହଯୋଗୀ ବିଷୟ ଯେପରିକି ଭୁଗୋଳ, ଇତିହାସ, ରାଜନୀତି ବିଜ୍ଞାନ ପାଠ୍ୟପୁସ୍ତକ ସହିତ ଏକୀଭୂତ ହେବ। ଭାଗୀଦାରି ଦଳ ପାଠ୍ୟକ୍ରମର ଉପଯୋଗିତା ପାଇଁ ଆଂଚଳିକ ପରିପ୍ରକାଶକୁ ବୁଝିବା ନିମନ୍ତେ ଓଡ଼ିଶାର ୫ଟି ଜିଲ୍ଲା ମଧ୍ୟରେ ଏକ ଗଠନମୂଳକ ଅଧ୍ୟୟନ କରିବେ। ଜେ-ପାଲ୍ ଦକ୍ଷିଣ ଏସିଆ ପ୍ରଭାବ ଏବଂ କାର୍ଯ୍ୟକାରିତା ମାପିବାରେ ସରକାରଙ୍କୁ ସମର୍ଥନ କରୁଥିବା ପ୍ରମୁଖ ଜ୍ଞାନ ଏବଂ ଶିକ୍ଷଣ ସହଯୋଗୀ ହେବ। ଲିଙ୍ଗଗତ ସମାନତା ପାଠ୍ୟକ୍ରମ ଗଠନମୂଳକ ଅନୁସନ୍ଧାନ ମାଧ୍ୟମରେ ସ୍ଥାନୀୟ ପ୍ରସଙ୍ଗରେ ଅନୁକୂଳ ଏବଂ ଉପଯୋଗୀ ହେବ। ସହଭାଗୀ ଦଳ ବିଭାଗ ସହିତ ଲିଙ୍ଗସମ୍ବଳିତ ସଂଯୋଜକମାନଙ୍କୁ ମାଷ୍ଟର ଟ୍ରେନର ଭାବରେ ତାଲିମ ଦେବା ପାଇଁ କାର୍ଯ୍ୟ କରିବେ, ଯେଉଁମାନେ ପ୍ରଶିକ୍ଷକ ପ୍ରଶିକ୍ଷଣ ମଡେଲ୍ ବ୍ୟବହାର କରି ରାଜ୍ୟର ସମସ୍ତ ଉଚ୍ଚ ପ୍ରାଥମିକ ଏବଂ ମାଧ୍ୟମିକ ବିଦ୍ୟାଳୟରେ ସାମାଜିକ ଅଧ୍ୟୟନ ଶିକ୍ଷକମାନଙ୍କୁ ପାଠ୍ୟକ୍ରମକୁ କ୍ୟାସ୍‌କେଡ୍ କରିବାକୁ କ୍ଷମତାପ୍ରାପ୍ତ ହେବେ ।ଏହି ମାଷ୍ଟର ଟ୍ରେନରମାନେ ଜିଲ୍ଲା ଶିକ୍ଷା ଏବଂ ତାଲିମରେ ଶିକ୍ଷକମାନଙ୍କୁ ତାଲିମ ପ୍ରଦାନ କରିବେ। ମାଷ୍ଟର ଟ୍ରେନର ଏବଂ ଶିକ୍ଷକମାନେ ମୂଳ ଲିଙ୍ଗ ଏବଂ ଅନ୍ତର୍ଭୁକ୍ତ ଧାରଣା, ନିର୍ଦ୍ଦେଶାବଳୀ ଡିଜାଇନ୍ ଧାରଣା, ସୁବିଧା କୌଶଳ ଏବଂ ରୋଲଡ୍ ଆଉଟ୍ ହେବାକୁ ଥିବା ପାଠ୍ୟକ୍ରମରେ ବିଷୟ ଆଭିମୁଖ୍ୟ ଉପରେ ତାଲିମ ଗ୍ରହଣ କରିବେ। ଏହି କାର୍ଯ୍ୟକ୍ରମର କାର୍ଯ୍ୟକାରିତା ପାଇଁ ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶକ, ଓସେପାଙ୍କୁ ରାଜ୍ୟ ନୋଡାଲ୍ ଅଫିସର ଭାବେ ନିଯୁକ୍ତି ଦିଆଯାଇଛି।

## ରାଜଧାନୀରେ ୨୪ ଘଂଟାରେ ୧୨୯ ପଜିଟିଭ୍

ଭୁବନେଶ୍ୱର,(ପି.ଏନ): ଭୁବନେଶ୍ୱର ମହାନଗର ନିଗମ(ବିଏମସି) ଅଂଚଳରୁ ମଙ୍ଗଳବାର ଦିନ ୧୨୯ ଜଣ କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୨୫ ଜଣ କ୍ୱାରେଂଟାଇନ୍ ରୁ ଚିହ୍ନଟ ହୋଇଥିବା ବେଳେ ୧୦୪ ଜଣ ଲୋକାଲ କେସ୍ ରହିଛନ୍ତି। ଏଥିସହ ୨୪ ଘଂଟାରେ ଆଉ ୯୫୬ ଜଣ ଆକ୍ରାନ୍ତ ସୁସ୍ଥ ହୋଇ ଘରକୁ ଫେରିଛନ୍ତି। ବିଏମସି ପକ୍ଷରୁ ଟୁଇଟ୍ କରି ଏହି ସୂଚନା ଦିଆଯାଇଛି। ଗତକାଲି ୮୧ ଆକ୍ରାନ୍ତ ଚିହ୍ନଟ ହୋଇଥିଲେ। ନୂତନ ଆକ୍ରାନ୍ତଙ୍କୁ ମିଶାଇ ମୋଟ ପଜିଟିଭ୍ ସଂଖ୍ୟା ୧୫୫୬୫୦ କୁ ବୃଦ୍ଧି ପାଇଥିବା ବେଳେ ସେମାନଙ୍କ ମଧ୍ୟରୁ ୧୪୮୦୭୫ ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି। ସେହିପରି ମୃତକଙ୍କ ସଂଖ୍ୟା ୧୧୬୭ ରେ ପହଂଚିଛି। ବର୍ତମାନ ଆଉ ୬୩୮୭ ସକ୍ରିୟ ଆକ୍ରାନ୍ତ ଚିକିତ୍ସାଧୀନ ରହିଛନ୍ତି।

# ମମିତା ହତ୍ୟାକାଣ୍ଡରେ ଦୋଷୀଙ୍କୁ ଖସାଇବାକୁ ଷଡଯନ୍ତ୍ର ରଚିଛନ୍ତି ରାଜ୍ୟ ସରକାର: ବିଜେପି

ଭୁବନେଶ୍ୱର, (ପି.ଏନ): ଅକ୍ଟୋବର ୮ ତାରିଖ ଦିନ ଶିକ୍ଷୟିତ୍ରୀ ମମିତା ମେହେର ହତ୍ୟା ଘଟଣାରେ ଅପରାଧୀମାନଙ୍କୁ ଖସାଇଦେବାର ଷଡଯନ୍ତ୍ର କରୁଛନ୍ତି ରାଜ୍ୟ ସରକାର। ମମିତା ହତ୍ୟାକାଣ୍ଡରେ ରାଜ୍ୟର ଗୃହରାଷ୍ଟ୍ର ମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ରଙ୍କ ସମ୍ପୃକ୍ତିର ଅଭିଯୋଗ ସତ୍ୱେ ତାଙ୍କ ଉପରେ କୌଣସି କାର୍ଯ୍ୟାନୁଷ୍ଠାନ ନହେବା, ମୁଖ୍ୟ ଅଭିଯୁକ୍ତ ଗୋବିନ୍ଦ ସାହୁ ଗିରଫ ହୋଇ ପୋଲିସ ହାଜତରୁ ଚମ୍ପଟ ମାରିବା, ଶେଷ ମୁହୂର୍ତରେ କୋର୍ଟରେ ପୋଲିସ ଚାର୍ଜସିଟ୍ ଦାଖଲ ହେବା ଆଦି ଘଟଣାଗୁଡିକ କେଉଁଠି ନା କେଉଁଠି ଏହି ଅପରାଧରେ ରାଜ୍ୟ ସରକାରଙ୍କ ସମ୍ପୃକ୍ତି ରହିବାର ପ୍ରମାଣିତ ହୋଇଛି । ଅନ୍ୟପଟେ ତାଙ୍କୁ ସୁରକ୍ଷା ମିଳିବ ବୋଲି ମୁଖ୍ୟ ଷଡଯନ୍ତ୍ରକାରୀ ଦିବ୍ୟଶଂକର ମିଶ୍ର ନିଶ୍ଚିନ୍ତ ଥିଲେ ଏବଂ ଏହି କେଳେଙ୍କାରୀରେ ସଂପୃକ୍ତ ଥିବା ଅନ୍ୟ ପ୍ରଭାବଶାଳୀ ବ୍ୟାକ୍ତିମାନେ ତାଙ୍କୁ ସୁରକ୍ଷା ଦେବା ପାଇଁ ବାଧ୍ୟ ବୋଲି ମନ୍ତ୍ରୀ ଦିବ୍ୟଶଂକର ଭଲ ଭାବେ ଜାଣିଥିଲେ। ତେଣୁ ସେ ନିର୍ଭୟରେ ରାଜ୍ୟ ବାହାରେ ବୁଲୁଥିଲେ, କ୍ରିକେଟ ଖେଳୁଥିଲେ । ମମିତା ହତ୍ୟାକାଣ୍ଡ ପ୍ରସଙ୍ଗରେ ରାଜ୍ୟବ୍ୟାପୀ ନିଆଁ ଜଳୁଥିବାବେଳେ ମନ୍ତ୍ରୀ ଦିବ୍ୟଶଂକର ଚଣ୍ଡିଗଡ ଓ ରାୟପୁରରେ କାହିଁକି ଲୁଚିଥିଲେ ବୋଲି ରାଜ୍ୟ ସାଧାରଣ ସଂପାଦକ ଡ.ଲେଖାଶ୍ରୀ ସାମନ୍ତସିଂହାର କହିଛନ୍ତି । ଏହା କେବଳ ମାତ୍ର ଗୋଟିଏ ମମିତା ମେହେର ହତ୍ୟାର ପ୍ରସଙ୍ଗ ନୁହେଁ, ବରଂ ରାଜ୍ୟର ମହିଳା ସୁରକ୍ଷା ଏବଂ ସଶକ୍ତିକରଣର ପ୍ରସଙ୍ଗ । ମୁଖ୍ୟମନ୍ତ୍ରୀ ନୀରବ ରହି ଓଡିଶାବାସୀଙ୍କ ଭାବାବେଗ ସହିତ ପ୍ରତାରଣା କରୁନାହାନ୍ତି କି ବୋଲି ଡ.ଲେଖାଶ୍ରୀ ପ୍ରଶ୍ନ କରିଛନ୍ତି ।ମନ୍ତ୍ରୀଙ୍କ ସରକାରୀ ଗସ୍ତ କାର୍ଯ୍ୟକ୍ରମ ସୁଚୀ ଅନୁଯାୟୀ ଦିବ୍ୟଶଂକର ମିଶ୍ର ଅକ୍ଟୋବର ୮ ରୁ ୧୧ ପର୍ଯ୍ୟନ୍ତ ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗ ଦେଇଥିବାର ଉଲ୍ଲେଖ ହୋଇଥିବାବେଳେ ୧୨ ରୁ ୨୧ ପର୍ଯ୍ୟନ୍ତ କୌଣସି ସୁଚନା ନାହିଁ। ଅକ୍ଟୋବର ୧୫ ରୁ ୧୯ ପର୍ଯ୍ୟନ୍ତ ମନ୍ତ୍ରୀ ଶ୍ରୀ ମିଶ୍ର ଓଡିଶା ବାହାରକୁ ଯାଇଥିଲେ ବୋଲି କାହିଁକି ଉଲ୍ଲେଖ ହୋଇନାହିଁ? ମନ୍ତ୍ରୀ କେଉଁ ଉଦ୍ଦେଶ୍ୟରେ ଚଣ୍ଡିଗଡ ଗସ୍ତ କରିଥିଲେ? ମନ୍ତ୍ରୀଙ୍କ ଗସ୍ତ କାର୍ଯ୍ୟକ୍ରମ ସରକାରୀ ନା ବେସରକାରୀ ଥିଲା ? ଭିଡିଓରେ ମନ୍ତ୍ରୀଙ୍କ ସହ ଦେଖା ଯାଉଥିବା ଏବଂ ସମାନ ଜିନ୍ସ ଟି-ସାର୍ଟ ପିନ୍ଧିଥିବା ଦୁଇ ଜଣ ବ୍ୟକ୍ତି କିଏ ? ଗୃହ ରାଷ୍ଟ୍ରମନ୍ତ୍ରୀ ଭାବେ ଶ୍ରୀ ମିଶ୍ର ଅନ୍ୟ ରାଜ୍ୟକୁ ଗଲାବେଳେ ପ୍ରୋଟକଲ ନିୟମର ପାଳନ ହୋଇଥିଲା କି ବୋଲି ଡ.ଲେଖାଶ୍ରୀ ପ୍ରଶ୍ନ କରିଛନ୍ତି। ଅକ୍ଟୋବର ୧୭ ତାରିଖ ଦିନ ଗୋବିନ୍ଦ ସାହୁ ହାଜତରୁ ଚଂପଟ ମାରିବା; ଅଜ୍ଞାତବାସରେ ଥିବା ମନ୍ତ୍ରୀ ଦିବ୍ୟଶଂକର ୧୮ ତାରିଖ ଦିନ ରାୟପୁର ପହଂଚିବା; ୧୮ ତାରିଖ ସକାଳେ ମମିତାର ମୃତ ଦେହ ଠାବ ହେବା ଏବଂ ସେହି ୧୮ ତାରିଖ ସଂଧ୍ୟାରେ ଗୋବିନ୍ଦ ସାହୁ ଗିରଫ ହେବା ଘଟଣା ହତ୍ୟାକାଣ୍ଡରେ ସେମାନଙ୍କ ସଂପୃକ୍ତି ଏବଂ ଷଡଯନ୍ତ୍ରକୁ ଦୃଢ଼ୀଭୁତ କରିଛି । ୧୮ ତାରିଖ ଦିନ ସକାଳେ ମନ୍ତ୍ରୀ ଶ୍ରୀ ମିଶ୍ର ଏବଂ ଥାନା ହାଜରୁ ଚଂପଟ ମାରିଥିବା ମୁଖ୍ୟ ଅଭିଯୁକ୍ତ ଗୋବିନ୍ଦ ସାହୁ କେଉଁଠି ଥିଲେ, ତାହା ସ୍ପଷ୍ଟ ହେବା ଉଚିତ୍ ବୋଲି ଡ.ଲେଖାଶ୍ରୀ କହିଛନ୍ତି ।ମମିତା ମେହେର ହତ୍ୟାକାଣ୍ଡରେ ମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ରଙ୍କ ସଂପୃକ୍ତିକୁ ନେଇ ତାଙ୍କ ଇସ୍ତଫା ଦାବି କରିଆସିଛି ବିଜେପି । ରାଜ୍ୟବାସୀଙ୍କ ସ୍ୱାର୍ଥରେ କାମ କରିବାର ଶପଥ ନେଇଥିବା ମନ୍ତ୍ରୀ ଶ୍ରୀ ମିଶ୍ର ମିଥ୍ୟା କହି ରାଜ୍ୟବାସୀଙ୍କୁ ଭ୍ରମିତ କରିବାର ପ୍ରୟାସ ଅତ୍ୟନ୍ତ ଲଜ୍ଜାଜନକ। ବର୍ତମାନ ମଧ୍ୟ ସମୟ ଅଛି ମୁଖ୍ୟମନ୍ତ୍ରୀ ନିଜ ନିରବତା ଭଙ୍ଗ କରି ମନ୍ତ୍ରୀ ଶ୍ରୀ ମିଶ୍ରଙ୍କୁ ମନ୍ତ୍ରୀମଣ୍ଡଳରୁ ବହିଷ୍କାର କରିବା ସହିତ ତାଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରନ୍ତୁ । ନଚେତ୍ ଏହି ଜଘନ୍ୟ ଷଡଯନ୍ତ୍ରରେ ମୁଖ୍ୟମନ୍ତ୍ରୀ ସଂପୃକ୍ତ ଥିବାର ପ୍ରମାଣିତ ହେବ ବୋଲି ଡ.ଲେଖାଶ୍ରୀ କହିଛନ୍ତି। ଏହି ସାମ୍ବାଦିକ ସମ୍ମିଳନୀରେ ରାଜ୍ୟ ଗଣମାଧ୍ୟମ ମୁଖ୍ୟ ଦିଲିପ୍ ମଲ୍ଲିକ, ଗଣମାଧ୍ୟମ ସହମୁଖ୍ୟ ସୁଜିତ୍ ଦାସ୍, ଲିଗାଲସେଲ୍ ସଂଯୋଜକ ଜୟନ୍ତ ଜେନା ପ୍ରମୁଖ ଉପସ୍ଥିତ ଥିଲେ।



# ବିଶ୍ୱ ରେକର୍ଡ଼ଧାରୀ ଓଡ଼ିଆପୁଅ ସଚିନ ରାଜ୍ୟପାଳଙ୍କ ଦ୍ୱାରା ସମ୍ବର୍ଦ୍ଧିତ

ଭୁବନେଶ୍ୱର, ୧୫।୨(ପି.ଏନ): ଭାରତର ନିଷ୍ଠାଇକର ସଚିନ ବେହେରା ପାଂଚକେଜି ଏଙ୍କେଲ ୱେଟ୍ ବାନ୍ଧି ତିନି ମିନିଟ ରେ ୨୦୪ ଆଣ୍ଠୁ ପ୍ରଘାତ କରି ନୂତନ ଗିନିଜ୍ ବୁକ୍ ରେକର୍ଡ଼ ସ୍ଥାପନ କରିଛନ୍ତି। ପୂର୍ବରୁ ପାକିସ୍ତାନର ମୁଷ୍ଟିଯୋଦ୍ଧା ମହମ୍ମଦ ରସିଦଙ୍କ ନାମରେ ଥିବା ୧୭୮ନିଷ୍ଠାଇକ ରେକର୍ଡକୁ ସଚିନ ଭଙ୍ଗ କରିଛନ୍ତି। ତାଙ୍କର ଏହି କୃତିତ୍ୱ ପାଇଁ ଓଡ଼ିଶାର ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ସଚିନ ବେହେରାଙ୍କୁ ସମ୍ବର୍ଦ୍ଧିତ କରିଛନ୍ତି। ରାଜ୍ୟପାଳ ପ୍ରଫେସର ଗଣେଶୀଲାଲ ରାଜଭବନରେ ସଚିନଙ୍କୁ ଭେଟି ତାଙ୍କୁ ଶୁଭେଚ୍ଛା ଜଣାଇବା ସହିତ ସମ୍ବର୍ଦ୍ଧିତ କରି ଗିନିଜବୁକ୍ ସାର୍ଟିଫିକେଟ ପ୍ରଦାନ କରିଥିଲେ। ଏଥିସହିତ କ୍ରୀଡ଼ା ପାଇଁ ସଚିନଙ୍କୁ ସବୁପ୍ରକାର ସହଯୋଗ କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଏହି ଅବସରରେ ଗଣେଶୀଲାଲ କହିଥିଲେ ଯେ, କ୍ରୀଡ଼ା କ୍ଷେତ୍ରରେ ସଚିନ ଯେଉଁଳି ରାଜ୍ୟ ତଥା ଦେଶ ପାଇଁ ସୁନାମ ଆଣିଛନ୍ତି, ଆଜିର ଯୁବ ଖେଳାଳୀମାନେ ସଚିନଙ୍କ ପରି ନିଷ୍ଠା ଓ ପରିଶ୍ରମ କରିପାରିଲେ, ସଚିନଙ୍କ ଭଳି ଅନେକ ପ୍ରତିଭା ଓଡ଼ିଶା ପାଇଁ ଗୌରବ ଆଣିପାରିବେ। ରାଜ୍ୟପାଳଙ୍କ ଠାରୁ ସମ୍ବର୍ଦ୍ଧିତ ହେବା ପରେ ସଚିନ ଭବିଷ୍ୟତରେ ଆହୁରି ଅନେକ ବିଶ୍ୱ ରେକର୍ଡ଼ କରିବେ ବୋଲି ଆଶାବ୍ୟକ୍ତ କରିଛନ୍ତି। ନୂଆପଡ଼ା ଜିଲ୍ଲାର ବୋଡ଼େନ ବ୍ଲକ ଲରକା ଗ୍ରାମର ପିତା ଲକ୍ଷ୍ମୀପ୍ରସାଦ ବେହେରା ଏବଂ ଆରତୀ ବେହେରାଙ୍କ ପୁତ୍ର ସଚିନ ବେହେରା ବର୍ତ୍ତମାନ ହାଇଟେକ କଲେଜ ଅଫ ଫିଜିଓଥେରାପିରେ ଇଂଟର୍ଣ୍ଣସିପ୍ କରୁଛନ୍ତି। ପ୍ରଥମେ ସେ ୧୦୦ ମିଟର ଧାବକ ଭାବରେ ପରିଚିତ ଥିଲେ। ଖାଲି ସେତିକି ନୁହେଁ ସଚିନଙ୍କ ଇଛା ଥିଲା ସେ ଆଣ୍ଠୁ ପ୍ରଘାତରେ ବିଶ୍ୱରେକର୍ଡ଼ କରି ଓଡ଼ିଶା ତଥା ଦେଶ ପାଇଁ ଗୌରବ ଆଣିବେ। ସେଥିପାଇଁ ସଚିନ ଦିନକୁ ୧୦ଘଂଟାର କଠିନ ପରିଶ୍ରମ କରୁଥିଲେ ଏବଂ ଦୀର୍ଘ ଚାରିମାସ କାଳ ଅକ୍ଲାନ୍ତ ପରିଶ୍ରମ କରି ନିଜ ନାମ ଗିନିଜ ବୁକରେ ଲିପିବଦ୍ଧ କରିବା ପାଇଁ ପ୍ରସ୍ତୁତ ହୋଇଥିଲେ। ଆଜି ତାଙ୍କ ସ୍ୱପ୍ନ ପୂରଣ ହୋଇଥିବାରୁ ସଚିନ ତାଙ୍କ ସଫଳତା ପାଇଁ ପିତାମାତାଙ୍କ ସମେତ ପ୍ରଶିକ୍ଷକମାନଙ୍କୁ ସବୁ ଶ୍ରେୟ ଦେଇଛନ୍ତି।

## ମରାମତି ପରେ ଉଡ଼ନ୍ତା ପୋଲ ତଳେ ଜବରଦଖଲ କରା ନ ଯାଉ.. ସିଭିଲ ସୋସାଇଟି

ବାଲେଶ୍ୱର,( ପି.ଏନବାଲେଶ୍ୱର ଜୀବନ ରେଖା କୁହାଯାଉଥିବା ଫ୍ଲାଏ ଓଭର ବ୍ରିଜ ମରାମତି କାର୍ଯ୍ୟ ବହୁ ସଂଘର୍ଷ ପରେ ସମ୍ପୂର୍ଣ୍ଣ ହେବାକୁ ଯାଉଚି। ସିଭିଲ ସୋସାଇଟି ନେତୃତ୍ୱରେ ବହୁ ସଚେତନ ବୁଦ୍ଧିଜିବୀ ଙ୍କ ପ୍ରତିବାଦ ଏବଂ ଅଦାଲତଙ୍କ ସଠିକ ନିର୍ଦ୍ଦେଶ ବଳରେ ଏହି ମରାମତି କାର୍ଯ୍ୟ ତ୍ୱରାନ୍ୱିତ ହେଉଛି। ସାଢ଼େ ୮ କୋଟି ଟଙ୍କା ବ୍ୟୟ ଅଟକଳରେ ମରାମତି କାର୍ଯ୍ୟ ସମ୍ପୂର୍ଣ୍ଣ ହେବାକୁ ଯାଉଥିବା ବେଳେ କିଛି କାର୍ଯ୍ୟ ଅଧା ପନ୍ତରୀୟା ଭାବେ ଶେଷ କରି ଅର୍ଥ ଆତ୍ମସାତ କରାଯାଉଥିବା ଜାଣି ସିଭିଲ ସୋସାଇଟି ନେତୃତ୍ୱରେ ବହୁ ସଚେତନ ବୁଦ୍ଧିଜିବୀ ଏହାର ପ୍ରତିବାଦ କରିଥିଲେ।


## ମରାମତି ପରେ ଉଡ଼ନ୍ତା ପୋଲ ତଳେ ଜବରଦଖଲ କରା ନ ଯାଉ..ସିଭିଲ ସୋସାଇଟି

ବାଲେଶ୍ୱର- ୧୫/୨ ୨୨- ବାଲେଶ୍ୱର ଜୀବନ ରେଖା କୁହାଯାଉଥିବା ଫ୍ଲାଏ ଓଭର ବ୍ରିଜ ମରାମତି କାର୍ଯ୍ୟ ବହୁ ସଂଘର୍ଷ ପରେ ସମ୍ପୂର୍ଣ୍ଣ ହେବାକୁ ଯାଉଚି। ସିଭିଲ ସୋସାଇଟି ନେତୃତ୍ୱରେ ବହୁ ସଚେତନ ବୁଦ୍ଧିଜିବୀ ଙ୍କ ପ୍ରତିବାଦ ଏବଂ ଅଦାଲତଙ୍କ ସଠିକ ନିର୍ଦ୍ଦେଶ ବଳରେ ଏହି ମରାମତି କାର୍ଯ୍ୟ ତ୍ୱରାନ୍ୱିତ ହେଉଛି। ସାଢ଼େ ୮ କୋଟି ଟଙ୍କା ବ୍ୟୟ ଅଟକଳରେ ମରାମତି କାର୍ଯ୍ୟ ସମ୍ପୂର୍ଣ୍ଣ ହେବାକୁ ଯାଉଥିବା ବେଳେ କିଛି କାର୍ଯ୍ୟ ଅଧା ପନ୍ତରୀୟା ଭାବେ ଶେଷ କରି ଅର୍ଥ ଆତ୍ମସାତ କରାଯାଉଥିବା ଜାଣି ସିଭିଲ ସୋସାଇଟି ନେତୃତ୍ୱରେ ବହୁ ସଚେତନ ବୁଦ୍ଧିଜିବୀ ଏହାର ପ୍ରତିବାଦ କରିଥିଲେ।

ଫଳରେ ଉକ୍ତ ମରାମତି ତ୍ୱରାନ୍ୱିତ ହେଉଛି। ହେଲେ ଏବେ ପୋଲର ଉଭୟ ପାର୍ଶ୍ୱ ରେ ସଠିକ ମରାମତି କାର୍ଯ୍ୟ ହେଉ ନ ଥିବା ସିଭିଲ

# ଶହୀଦ ପିଣ୍ଡିକ ବାହୁବଳେନ୍ଦ୍ରଙ୍କ ୨୫୫ ତମ ଜୟନ୍ତୀ




ଖୋର୍ଦ୍ଧା,(ପି.ଏନ): ଭାରତର ପ୍ରଥମ ସ୍ୱାଧୀନତା ସଂଗ୍ରାମ ପାଇକ ବିଦ୍ରୋହର ମହାନ୍ ଯୋଦ୍ଧା ଶହୀଦ ପିଣ୍ଡିକ ବାହୁବଳେନ୍ଦ୍ରଙ୍କର ୨୫୫ ତମ ଜୟନ୍ତୀ କଳିଙ୍ଗ ପାଇକ ସଂଗଠନ ପକ୍ଷରୁ ତାଙ୍କ ଜନ୍ମସ୍ଥାନ ଦାରୁଠେଙ୍ଗରେ ଅନୁଷ୍ଠିତ ହୋଇଛି। ଉପଦେଷ୍ଟା ଭୀମସେନ ପ୍ରଧାନଙ୍କ ଅଧକ୍ଷତା ତଥା ଅମରେନ୍ଦ୍ର ମହାପାତ୍ରଙ୍କ ସଂଯୋଜନାରେ ଆୟୋଜିତ ଏହି ନିରାଡ଼ମ୍ବର କାର୍ଯ୍ୟକ୍ରମରେ ଶହୀଦଙ୍କ ପ୍ରତିମୂର୍ତ୍ତି ତଥା ଶହୀଦ ସ୍ତଂଭରେ ପୁଷ୍ପମାଲ୍ୟ ଅର୍ପଣ ପୂର୍ବକ ସ୍ମୃତିଚାରଣ କରାଯାଇଥିଲା। କଳିଙ୍ଗ ପାଇକ ସଂଗଠନର ମୁଖ୍ୟ ଉଦ୍ୟୋକ୍ତା ଇଂ ଶିଶିର କୁମାର ନାୟକ, ସଂସ୍କୃତି ବିଭାଗ ଉପ-ସଚିବ ଲକ୍ଷ୍ମୀଧର ବେହେରା, ଐତିହାସିକ ସତ୍ୟବାଦୀ ବଳିଆରସିଂହ ପ୍ରମୁଖ ବକ୍ତବ୍ୟ ଦେଇ କହିଥିଲେ ଯେ, ପାଇକ ବିଦ୍ରୋହର ମହାନାୟକ ବକ୍ସି ଜଗବଂଧୁଙ୍କ ସହଯୋଗୀମାନଙ୍କ ମଧ୍ୟରେ ତୃତୀୟ ସ୍ଥାନରେ ଥିଲେ ପିଣ୍ଡିକି ବାହୁବଳେନ୍ଦ୍ର। ପାଇକମାନଙ୍କ ନିଷ୍କର ଜମିରେ କରଧାର୍ଯ୍ୟ କରିବା ଏବଂ ଜନସାଧାରଣଙ୍କ ଅବାଧ ଲୁଣମରା ଉପରେ କଟକଣା ଜାରି କରିବା ଫଳରେ ପିଣ୍ଡିକ ବିଦ୍ରୋହୀ ହୋଇପଡ଼ିଥିଲେ ଏବଂ ବିଶାଳ ପାଇକ ବାହିନୀ ସହାୟତାରେ ଜଙ୍ଗଲରେ ଲୁଚିଛପି ଖଣ୍ଡଯୁଦ୍ଧ କରିଥିଲେ। ଶେଷରେ ଚକ୍ରାନ୍ତ କରି ଇଂରେଜମାନେ ତାଂକୁ ଗୁଳି କରି ହତ୍ୟା କରିଥିଲେ। ତାଙ୍କର ଏହି ବଳିଦାନ ଭାରତୀୟ ଇତିହାସରେ ଏକ ସ୍ମରଣୀୟ ଘଟଣା। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଶିକ୍ଷାବିତ୍ ପ୍ରଫୁଲ୍ଲ କୁମାର ସାମନ୍ତରାୟ, ସଂପାଦକ କୃଷ୍ଣଚନ୍ଦ୍ର ହରିଚନ୍ଦନ, ପିଣ୍ଡିକ ବାହୁବଳେନ୍ଦ୍ର ସ୍ମୃତି କମିଟି ସଭାପତି କବିରାଜ ବିଧାର, ରାମଚଣ୍ଡୀ ଦଳବେହେରା ମୃତ୍ୟୁଂଜୟ ଛୋଟରାୟ, ରମଜାନ୍ ଖାଁ, ପ୍ରଦୀପ କୁମାର ବିଶ୍ୱାଳ, ପିଣ୍ଡିକ ବାହୁବଳେନ୍ଦ୍ରଙ୍କ ଦାୟାଦ ପ୍ରଫୁଲ୍ଲ କୁମାର ବାହୁବଳେନ୍ଦ୍ର, ପବିତ୍ର ମୋହନ ବଳିଆରସିଂହ, ଆନନ୍ଦ କୁମାର ମାଝି, କୃଷ୍ଣମୋହନ ସୁନ୍ଦରାୟ, ଅଜୟ କୁମାର ରାଉତ ପ୍ରମୁଖ ଶ୍ରଦ୍ଧାଂଜଳି ଅର୍ପଣ କରିଥିଲେ । ଶହୀଦ ପୀଠସ୍ଥଳୀର ବିକାଶ ପାଇଁ ସରକାର ପଦକ୍ଷେପ ନେବା ପାଇଁ ଦାବି ହୋଇଥିଲା । ଏ ଅବସରରେ କେତେକ ପାଇକ ଦାୟାଦଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପିଣ୍ଡିକ ବାହୁବଳେନ୍ଦ୍ର ସ୍ମୃତି କମିଟିର ସାଧାରଣ ସଂପାଦକ ଅମରେନ୍ଦ୍ର ମହାପାତ୍ର ଅତିଥି ପରିଚୟ ଓ ଧନ୍ୟବାଦ ଦେବା ସହ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଗ୍ରାମବାସୀ, ଯୁବକସଂଘର ସଦସ୍ୟମାନେ ସହଯୋଗ ପ୍ରଦାନ କରିଥିଲେ ।

## ଚୂଡ଼ାନ୍ତ ମୂଲ୍ୟାଙ୍କନ ପାଇଁ କାୟାକଳ୍ପ : ଦଳର ଏମ୍ସ ଭୁବନେଶ୍ୱର ପରିଦର୍ଶନ-ରୋଗୀ-ଅନୁକୂଳ ପରିବେଶ ସୃଷ୍ଟି କ୍ଷେତ୍ରରେ ଦେଶରେ ଉଦାହରଣ ସୃଷ୍ଟି କରିଛି ଏମ୍ସ ଭୁବନେଶ୍ୱର

ଭୁବନେଶ୍ୱର, ୧୫।୨(ପି.ଏନ): ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ଜାତୀୟ ପ୍ରତିଷ୍ଠାନ(ଏନଆଇଏଚ୍ଏଫଡବ୍ଲ୍ୟୁ) ନୂଆଦିଲ୍ଲୀରୁ ଆସିଥିବା କାୟାକଳ୍ପ ଦଳ ଚୂଡ଼ାନ୍ତ ମୂଲ୍ୟାଙ୍କନ ନିମନ୍ତେ ଏମ୍ସ ଭୁବନେଶ୍ୱର ପରିଦର୍ଶନ କରିଛନ୍ତି। ଏନଆଇଏଚ୍ଏଫଡବ୍ଲ୍ୟୁ ର ଚାରିଜଣ ସଦସ୍ୟଙ୍କୁ ନେଇ ଗଠିତ ଏହି ଟିମ୍ ଏମ୍ସକୁ ଗତକାଲି ଏବଂ ଆଜି ଦୁଇଦିନିଆ ଗସ୍ତ କରିଥିଲେ। ଏହି ଦଳରେ ଡ. ମିରାମ୍ବିକା ମହାପାତ୍ର, ଡକ୍ଟର ଦୀନେଶ ପାଲ, ଡକ୍ଟର ରୂପେଶ ଗୁପ୍ତା ଏବଂ ଡକ୍ଟର ମୁକେଶ କୁମାର ରାୟ ଥିଲେ। ପ୍ରଥମ ଦିନରେ ଏହି ଟିମ ଏମ୍ସ ଭୁବନେଶ୍ୱର ନିର୍ଦ୍ଦେଶକ ପ୍ରଫେସର ଡକ୍ଟର ମୁକେଶ ତ୍ରିପାଠୀ ଏବଂ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀଙ୍କ ସହ ଏହି ଜାତୀୟ ପ୍ରତିଷ୍ଠାନ ନେଇଥିବା ବିଭିନ୍ନ ପଦକ୍ଷେପ ସମ୍ପର୍କରେ ଆଲୋଚନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ମେଡିକାଲ୍ ଅଧୀକ୍ଷକ ପ୍ରଫେସର ଏସ୍.ଏନ୍ ମହାନ୍ତି, ଡିଡିଏ ପି.କେ ରାୟ, ପ୍ରଫେସର ଏବଂ ହେଡ୍ ହସ୍ପିଟାଲ୍ ପ୍ରଶାସନ ଏବଂ କାୟାକଳ୍ପ ନୋଡାଲ୍ ଅଧିକାରୀ, ଡ. ଜବାହର ଏସ.କେ ପିଲ୍ଲାଇ, ଡକ୍ଟର ସ୍ୱେତା ସିଂ, ଡ. ପ୍ରଭାସ ରଞ୍ଜନ ତ୍ରିପାଠୀ, ଡକ୍ଟର ବିନୋଦ ପାତ୍ର, ଡ. ଅରବିନ୍ଦ ସିଂ ଏବଂ ଅଶୋକ କୁମାର ଜେନା ପ୍ରମୁଖ ସାମିଲ ଥିଲେ। ପରବର୍ତ୍ତୀ ସମୟରେ ଟିମ୍ ଓପିଡ଼ି, ଆଇପିଡ଼ି, ଅପରେସନ କକ୍ଷ, ଆଇସିୟୁ, ଟ୍ରମା ଏବଂ ଜରୁରୀ ଓଟି, ଫାର୍ମାସି, ସିଏସଏସଡି, ରୋଷେଇ ଘର ଆଦି ପରିଦର୍ଶନ କରିଥିଲେ। ହସ୍ପିଟାଲର ରକ୍ଷଣାବେକ୍ଷଣ, ପରିମଳ ଏବଂ ସ୍ୱଚ୍ଛତା, ବର୍ଜ୍ୟବସ୍ତୁ ପରିଚାଳନା, ସଂକ୍ରମଣ ନିୟନ୍ତ୍ରଣ, ସହାୟତା ସେବା ଏବଂ ସ୍ୱଚ୍ଛତା ରକ୍ଷା ନେଇ ବ୍ୟାପକ ପଦକ୍ଷେପ ଆଦିକୁ ନିରୀକ୍ଷଣ କରିଥିଲେ। ଏତଦ୍ ବ୍ୟତୀତ ଏହି ଟିମ୍ ହସ୍ପିଟାଲର ବିଭିନ୍ନ କ୍ଷେତ୍ର ବୁଲି ଦେଖିବା ସହିତ କର୍ମଚାରୀ ଏବଂ ରୋଗୀମାନଙ୍କ ସହିତ ସିଧାସଳଖ ଆଲୋଚନା କରିଥିଲେ।ଦୁଇ ଦିନିଆ ଗସ୍ତ ପରେ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ ନିଯୁକ୍ତ ଏହି କାୟାକଳ୍ପ ଦଳ ଏମ୍ସ ଭୁବନେଶ୍ୱରର ରୋଗୀ ଅନୁକୂଳ ପଦକ୍ଷେପକୁ ପ୍ରଶଂସା କରିଥିଲେ। ଦେଶର ଅନ୍ୟାନ୍ୟ ସରକାରୀ ସ୍ୱାସ୍ଥ୍ୟ ପ୍ରତିଷ୍ଠାନ ନିମନ୍ତେ ଏମ୍ସ ଭୁବନେଶ୍ୱର ସ୍ୱଚ୍ଛତା, ଜନସ୍ୱାସ୍ଥ୍ୟ ସୁବିଧା କ୍ଷେତ୍ରରେ ନିରନ୍ତର ଅଭ୍ୟାସ ସୃଷ୍ଟି କରିବାରେ ଉଦାହରଣ ସୃଷ୍ଟି କରିଥିବା କାୟାକଳ୍ପ ଦଳ ପକ୍ଷରୁ ପ୍ରକାଶ। ଉଲ୍ଲେଖଯୋଗ୍ୟ ଯେ ବିଭିନ୍ନ କ୍ଷେତ୍ରରେ ଶ୍ରେଷ୍ଠ ପ୍ରଦର୍ଶନ ପାଇଁ ଏମ୍ସ ଭୁବନେଶ୍ୱର ପୂର୍ବରୁ କ୍ରମାଗତ ତିନିଥର କାୟାକଳ୍ପ ପୁରସ୍କାର ହାସଲ କରି ଜାତୀୟ ସ୍ତରରେ ଓଡ଼ିଶାର ଟେକ ରଖିଛି। ସ୍ୱଚ୍ଛ ଭାରତ ମିଶନର ପରିବ୍ୟାପ୍ତ ନିମନ୍ତେ କାୟାକଳ୍ପ ପୁରସ୍କାର ଯୋଜନା ୧୫ ମେ,୨୦୧୫ ରେ ଆରମ୍ଭ କରାଯାଇଥିଲା। ଜନସ୍ୱାସ୍ଥ୍ୟ ସେବାରେ ପରିଷ୍କାର ପରିଚ୍ଛନ୍ନତା, ସ୍ୱଚ୍ଛତା, ବର୍ଜ୍ୟବସ୍ତୁ ପରିଚାଳନା ଏବଂ ସଂକ୍ରମଣ ନିୟନ୍ତ୍ରଣ ଅଭ୍ୟାସକୁ ଉନ୍ନତ ତଥା ପ୍ରୋତ୍ସାହିତ କରିବା ଏବଂ ଆଦର୍ଶ ପ୍ରଦର୍ଶନ ସୁବିଧାକୁ ଉତ୍ସାହିତ କରିବା ଉଦ୍ଦେଶ୍ୟରେ ଏହା ଆରମ୍ଭ କରାଯାଇଥିଲା।

## ରାଜଧାନୀ ଉପକଣ୍ଠରେ ସଂସ୍କୃତି ପଚାରକ

ଭୁବନେଶ୍ୱର,(ପି.ଏନ): ରାଜଧାନୀ ଉପକଣ୍ଠରେ ସଂସ୍କୃତିର ପ୍ରଚାରକ। ରାଜ୍ୟର କୋଣ ଅନୁକୋଣରେ ୫୦୦ରୁ ଉର୍ଦ୍ଧ ବିଭିନ୍ନ ପାଲା ଓ ବାଦୀପାଲା ଦ୍ୱାରା ସଂସ୍କୃତିକୁ ପ୍ରଚାର କରୁଥିବା ଅମରେନ୍ଦ୍ର ପଟ୍ଟନାୟକ ଏବେ ନିଜ ଗ୍ରାମର ଉନ୍ନତି ପାଇଁ ଅଂଟା ଭିଡ଼ିଛନ୍ତି। ଲୋକଙ୍କୁ ସରକାରଙ୍କ ଯୋଜନା ଠିକଣା ଭାବେ ପହଂଚାଇବା ଓ ସରକାରଙ୍କ ସବୁ ସୁବିଧା ଦେବା ସହ ବିଭିନ୍ନ କାର୍ଯ୍ୟକୁ ସଚେତନ କରାଇବା ଲକ୍ଷରେ ପ୍ରଧାନସାହି ଗ୍ରାମ ପଂଚାୟତରେ ସରପଂଚ ପାଇଁ ଲଢୁଛନ୍ତି। ବଜୁ ବାବୁଙ୍କ ଦୃଢ଼ ସମର୍ଥକ ରହି ଆସିଥିବା ଅମରେନ୍ଦ୍ର ଏବେ ନବୀନ ପଟ୍ଟନାୟକଙ୍କ ଦୃଢ଼ ସମର୍ଥକ ସହ ତାଙ୍କ ଦଳର ଜଣେ ଆଗ ଧାଡ଼ିର କର୍ମୀ। ଏକ ଆଦର୍ଶ ଗ୍ରାମ ଗଠନ ଲକ୍ଷରେ ମାଛ ଚିହ୍ନ ଧରି ଏବେ ସଂଗ୍ରାମ ରତ। ୧୮ବର୍ଷ ବୟସରୁ ଭାଷା ସଂସ୍କୃତକୁ ପ୍ରଚାର କରୁଥିବା ଅମରେନ୍ଦ୍ର ଏବେ ସମାଜସୁଧାର ପାଇଁ ଆଗେଇଛନ୍ତି।

## ମରାମତି କାର୍ଯ୍ୟ ଆରମ୍ଭ : ସୋସାଇଟି ପକ୍ଷରୁ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ପ୍ରକାଶ କରାଯାଇଛି

ଭବନେଶ୍ୱର, ୧୫।୨(ପି.ଏନ): ପଶ୍ଚିମ ପାର୍ଶ୍ୱର ନିମ୍ନମାନର କାର୍ଯ୍ୟ ପ୍ରତି ବିଭାଗୀୟ ଅଧିକାରୀ ଓ ଜିଲ୍ଲା ପ୍ରଶାସନ ଧ୍ୟାନ ଦେବା ଅତ୍ୟନ୍ତ ଜରୁରୀ ବୋଲି ସଂଗଠନ ପକ୍ଷରୁ କୁହାଯାଛି। ଅନ୍ୟ ପକ୍ଷରେ ପୋଲ କାର୍ଯ୍ୟ ସମ୍ପୂର୍ଣ୍ଣ ହେବା ପରେ ପୋଲ ତଳେ ଉଚ୍ଛେଦ ବ୍ୟବସାୟୀ ମାନେ ପୁଣି ବେଆଇନ ଦଖଲ କରିବା ନେଇ ଆଶଙ୍କା ପ୍ରକାଶ ପାଉଛି। ମରାମତି ପରେ ପୋଲ ତଳକୁ ପୌର ପରିଷଦ ପକ୍ଷରୁ ଗାଡ଼ି ପାର୍କିଂ ପାଇଁ ନିର୍ଦ୍ଦିଷ୍ଟ ସ୍ଥାନ ନିର୍ଦ୍ଧାରଣ କରିବା ଓ ଅଦାଲତ ସମ୍ମୁଖସ୍ଥ ପୋଲ ତଳେ ଜନ ସାଧରଣ ଙ୍କ ଯାତାୟତ ପାଇଁ ରାସ୍ତା ନିରୁପଣ କରି ଅନ୍ୟ ସ୍ଥାନ ମାନଙ୍କରେ ସହରର ସୌନ୍ଦର୍ଯ୍ୟ କରଣ ନିମନ୍ତେ ସବୁଜ ଅଞ୍ଚଳ ସୃଷ୍ଟି କରି ଉଚିତ ହେବ ବୋଲି ସିଭିଲ ସୋସାଇଟି ଓ ଅକିଲ ସଂଘ ପକ୍ଷରୁ ଜିଲ୍ଲା ପ୍ରଶାସନ କୁ ପ୍ରସ୍ତାବ ଦିଆଯାଇଛି।

## ଅରଖପୁର ପଂଚାୟତ ସମିତି ସଭ୍ୟପାଇଁ ଦୁଇ ପ୍ରାର୍ଥୀନୀଙ୍କ ମଧ୍ୟରେ ଲଢେଇ

ଚଣ୍ଡିଖୋଲ,(ପିଏନ୍) :ବଡ଼ଚଣା ବ୍ଲକ ଅନ୍ତର୍ଗତ ଅରଖପୁର ପଂଚାୟତର ସମିତି ସଭ୍ୟା ପ୍ରାର୍ଥୀନୀ ପାଇଁ ସରପଂଚ ଶ୍ରୀମତୀ ସ୍ନେହଲତା ସ୍ୱାଇଁ ବିଜେଡ଼ି ସମର୍ଥୀତ ଭାବେ ନିର୍ବଚନ ଲଢୁଛନ୍ତି। ଅନ୍ୟପକ୍ଷେ ସ୍ୱାଧିନ ଭାବେ ରଶ୍ମିତା ଦାସ ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି। ଶ୍ରୀମତୀ ସ୍ୱାଇଁ ୨୦୧୭ ମସିହାରୁ ସରପଂଚ ପଦବୀରେ ଅଳଂକୃତ ହୋଇ ପଂଚାୟତର ଅରଖପୁର, ବନ୍ଧାପଦ୍ମନାଭପୁର, ଗଉଡ଼ପାଟଣା, ଅରଖପୁର ବଜାର, ନୀଳାମ୍ବରପୁର ସମେତ ଅନ୍ୟଗ୍ରାମ ମାନଙ୍କରେ ଉନ୍ନୟନ ମୂଳକ କାର୍ଯ୍ୟ, ବାର୍ଦ୍ଧକ୍ୟ ଭତ୍ତା, ବିଧବା ଭତ୍ତା, ଗ୍ରାମାଂଚଳରେ ରାସ୍ତା , ବିଜୁ ପକ୍କାଘର, ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ରେସନ କାର୍ଡ଼ ବଂଟନ, ସ୍ୱୟଂସହାୟକ ଗୋଷ୍ଠୀ ସହାୟତା, କଲ୍ୟାଣ ମଣ୍ଡପ ପ୍ରତିଷ୍ଠା ପ୍ରଭୃତି କାର୍ଯ୍ୟକରିଥିଲେ। ଶ୍ରୀମତୀ ସ୍ୱାଇଁ ଚଳିତ ତ୍ରିସ୍ତରୀୟ ପଂଚାୟତ ନିର୍ବାଚନରେ ସମିତି ସଭ୍ୟା ପାଇଁ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି ଓ ପଂଚାୟତର ସାଧାରଣ ଭୋଟରମାନଙ୍କ ପାଖରେ ଯାଇ ଭୋଟ ଭିକ୍ଷା କରୁଛନ୍ତି ନିର୍ବାଚନରେ ବିଜୟଲାଭ କରିବାପାଇଁ। ଅନ୍ୟପକ୍ଷେ ସ୍ୱାଧିନ ପ୍ରାର୍ଥୀ ରଶ୍ମିତା ଦାସ ଅରଖପୁର ପଂଚାୟତର ଯୁବକ, ବୟସ୍କ ପୁରୁଷ ଓ ମହିଳା ମାନଙ୍କୁ ସାଥିରେ ନେଇ ଭୋଟରମାନଙ୍କ ପାଖରେ ପହଁଚୁଛନ୍ତି। ପଂଚାୟତରେ ଯେଉଁ ସମିତି ସଭ୍ୟ ନିର୍ବାଚନ ଲଢେଇ ଲାଗିରହିଛି କିଏ ଜିତିବ ତାହା ସାଧାରଣ ଭୋଟର ମାନଙ୍କ ଉପରେ ନିର୍ଭରଶୀଳ। ବିଜେଡ଼ି ସମର୍ଥୀତ ପ୍ରାର୍ଥୀନୀ ସ୍ନେହଲତା ସ୍ୱାଇଁଙ୍କର ନିର୍ବାଚନ ଚିହ୍ନ ଟୁଲ ଓ ସ୍ୱାଧିନ ପ୍ରାର୍ଥୀ ରଶ୍ମିତା ଦାସଙ୍କର ନିର୍ବାଚନ ଚିହ୍ନ କେଟିଲ।

# ୧୮ ନମ୍ବର ଜିଲ୍ଲାପରିଷଦ ଜୋନ୍‌ରେ ତ୍ରିମୁଖୀ ଲଢେଇ

ଚଣ୍ଡିଖୋଲ,(ପିଏନ୍) : ବଡ଼ଚଣା ବ୍ଲକ ଅଧିନରେ ୧୮ନଂ ଜୋନ୍‌ର ଜିଲ୍ଲାପରିଷଦ ଭୋଟ ଆସନ୍ତା ୧୮ତାରିଖରେ ଅନୁଷ୍ଠିତ ହେବ। ଏହି ଜୋନ୍‌ରେ ଛତିଆ, ଚମ୍ପାପୁର, ନେଳିଆ, କୁନ୍ଦଳ, ଅରଖପୁର, ବଡ଼ଘୁମୁରୀ, ଅଣକା ଓ ରାଧାଦେଇପୁର ପଂଚାୟତକୁ ମିଶାଇ ୮ଟି ପଞ୍ଚାୟତରୁ ଭୋଟର ମାନେ ଭୋଟ ପ୍ରଦାନ କରିବେ। ଉକ୍ତ ଜୋନ୍ ଟି ମହିଳା ମାନେ ପ୍ରତିଦ୍ୱନ୍ଦ୍ୱିତା କରିବା ପାଇଁ ସରକାରଙ୍କ ପକ୍ଷରୁ ନିଷ୍ପତି ହୋଇଥିବା ସମୟରେ ଜାତୀୟ କଂଗ୍ରେସ ପ୍ରାର୍ଥୀଭାବେ ମଇନା ରାୟ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି। ଶ୍ରୀମତୀ ରାୟ ପୂର୍ବରୁ ଅଣକା ପଂଚାୟତର ସରପଞ୍ଚଭାବେ ନିର୍ବାଚିତ ହୋଇ ପଂଚାୟତର ସାଧାରଣ ଲୋକଙ୍କ ସେବାରେ ନିଜକୁ ନିୟୋଜିତ କରିଥିଲେ। ସେ ମଧ ରାଜନୈତିକ ଜୀବନ ମଧରେ ଆଜି ପର୍ଯ୍ୟନ୍ତ ସାମିଲି ହୋଇ ରହିଛନ୍ତି। ବଡ଼ଚଣାର କଂଗ୍ରେସ ନେତା ରାଜନାରାୟଣ ମହାପାତ୍ରଙ୍କ ସହାୟତାରେ ସେ ଦଳୀୟ ପ୍ରାର୍ଥୀ ହୋଇ ନିର୍ବାଚନ ରଣାଙ୍ଗନରେ ପହଁଚିଛନ୍ତି। ବିଜେପି ଜଳ ପକ୍ଷରୁ ଦେବଜାନୀ ପ୍ରଧାନ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି ଏହି ୧୮ନଂ ଜୋନ୍‌ରେ। ଶ୍ରୀମତୀ ପ୍ରଧାନ ମଧ ବିଜେପି ଦଳ ସହିତ ସାମିଲ ହୋଇ ଆଜିପର୍ଯ୍ୟନ୍ତ ଦଳ ମଧରେ ରହିଛନ୍ତି। ତୃତୀୟରେ ଯିଏ ବିଜେଡ଼ି ଦଳର ପ୍ରାର୍ଥୀ ହୋଇଛନ୍ତି ଶ୍ରୀମତୀ ସସ୍ମିତା ମହାନ୍ତି ବଡ଼ଚଣାର ବିଜେଡ଼ି ନେତାଙ୍କ ସହାୟତାରେ ସେ ନିର୍ବାଚନ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି। ପ୍ରାର୍ଥୀ ଶ୍ରୀମତୀ ମହାନ୍ତିଙ୍କ ସ୍ୱାମୀ ଜଣେ ଠିକାଦାର ଭାବରେ ଦୀର୍ଘ ୨୦ବର୍ଷ ଧରି ଠିକାଦାରୀ କରୁଛନ୍ତି। ତାଙ୍କ ଘର ମଧ ସେହି ଅଣକା ପଂଚାୟତର ଭୁଲୁକା ଗ୍ରାମରେ। ତାଙ୍କର ସ୍ୱାମୀ ଅଣକା ପଂଚାୟତରେ ନୂଆହାଟ ଖଡ଼ିଅଙ୍ଗ ରାସ୍ତା କୁ ମିଶାଇ ଲକ୍ଷ ଲକ୍ଷ ଟଙ୍କାର କାର୍ଯ୍ୟକରି ସରକାରୀ ଅର୍ଥକୁ ମଧ ନିଜ ପାଣ୍ଠିରେ ମିଶାଇଛନ୍ତି। ସେଠାରେ ମଧ ଠିକ୍ ଭାବରେ କାମ ନକରି ଅର୍ଥକୁ ଆତ୍ମସାତ କରିଛନ୍ତି ବୋଲି ସାଧାରଣରେ ଅଭିଯୋଗ ହେଉଅଛି। ବର୍ତ୍ତମାନ ୩ଜଣ ମଧ ବେଶ୍ ଭାବରେ ନିର୍ବାଚନ ପ୍ରଚାର ଜାରି ରଖିଛନ୍ତି। ସେଠାରେ ମଧ ଭୋଟ ସଂଖ୍ୟା ୩୯ହଜାରରୁ ଉର୍ଦ୍ଧ୍ୱ ଭୋଟର ମତ ଦାନ କରିବେ। ସେମାନଙ୍କ ମଧ୍ୟରୁ ପୁରୁଷ ଭୋଟରଙ୍କ ସଂଖ୍ୟା ୨୦ହଜାରୁ ଉର୍ଦ୍ଧ୍ୱ ହୋଇଥିଲେ ହେଁ ମହିଳା ଭୋଟରଙ୍କ ସଂଖ୍ୟା ୧୯ହଜାର ଭୋଟର ସଂଖ୍ୟା ରହିଅଛି। ବର୍ତ୍ତମାନ ନିର୍ବାଚନରେ ଯେଉଁ ତ୍ରିମୁଖୀ ପ୍ରତିଦ୍ୱନ୍ଦ୍ୱିତା ହେଉଛି ଗୋଟଏ ପକ୍ଷରେ କଂଗ୍ରେସ ଅନ୍ୟପକ୍ଷେ ବିଜେପି ଓ ବିଜେଡ଼ି ଦଳ ପକ୍ଷରୁ ଲଢେଇ ଜାରି ରହିଛି। ବିଜେଡ଼ି ଦଳର ଯେଉଁ ପ୍ରାର୍ଥୀନୀ ନିର୍ବାଚନରେ ପହଁଚିଛନ୍ତି ସେ ମଧ ବିଜେଡ଼ି ଦଳର ସହାୟତାରେ ନିର୍ବାଚନରଣାଙ୍ଗନା ଜାରି ରଖିଛନ୍ତି। ଦୀର୍ଘ ବର୍ଷ ଧରି କଂଗ୍ରେସ ଶାସନରେ ନ ରହିଥିଲେ ମଧ ସାଧାରଣ ଭୋଟରମାନେ କଂଗ୍ରେସ ନେତୃତ୍ୱ ପ୍ରତି ଆସ୍ଥା ପ୍ରକଟ କରୁଛନ୍ତି। ଅନ୍ୟପକ୍ଷେ ବିଜେପି ଦଳ ପ୍ରାର୍ଥୀନୀ ସେ ମଧ ଏହି ୮ଟି ପଂଚାୟତର ସାଧାରଣ ଭୋଟରମାନଙ୍କୁ ଭେଟି ଭୋଟ ଭିକ୍ଷା କରୁଛନ୍ତି। ୧୮ତାରିଖ ନିର୍ବାଚନରେ ଜଣାପଡ଼ିବ ଭୋଟରମାନେ କାହା ସପକ୍ଷରେ ଭୋଟ୍ ଦେଇ କାହାକୁ ନିର୍ବାଚିତ କରିବେ।







Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751010 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com

ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray